

# କଟକ ସିଟି

## ବାରବାଟୀ-କଟକରେ କଂଗ୍ରେସ ସମ୍ମିଳନୀ

କଟକ, ୬।୪(ସମିସ): ବାରବାଟୀ-କଟକ ୱାର୍ଡ ନମ୍ବର-୨୧ର କଂଗ୍ରେସ ସମ୍ମିଳନୀ ଚୌଧୁରୀ ବଜାରସ୍ଥିତ କଳିଙ୍ଗ ଗେଷ୍ଟ ହାଉସ ଠାରେ ଯୁବ କଂଗ୍ରେସ ନେତା ଅନୀଲ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ୱାର୍ଡ ଓ ବୁଥ୍‌ସ୍ତରରେ କିପରି ସଂଗଠନକୁ ସୁଦୃଢ଼ କରାଯିବ ସେଥିପାଇଁ ତଳ ସ୍ତରକୁ ଯାଇ ଲୋକମାନଙ୍କ ସହିତ କାମ କରିବାକୁ ଶ୍ରୀ ମୋକିମ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଶେଷରେ ପୂର୍ବତନ କର୍ପୋରେଟର ଗୌରୀ ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ପୂର୍ବତନ କାଉନସିଲର କାଶୀନାଥ ମଲ୍ଲିକ, କମଲେଶ ସାଗର, ମଠସାହି ମହନ୍ତ ରତ୍ନାକର ମୁଖି, ଅଧିକାରୀ ମାଧବ ଘଡ଼େଇ, ସଭାପତି ମଧୁସୂଦନ ଘଡେଇ, ଫିରିଙ୍ଗି ବଜାର ମୂରବୀ ସୁମନ କେୟାଲ, ସଭାପତି ପୂର୍ଣ୍ଣ ଚନ୍ଦ୍ର ସିଂହ, ମୂରବୀ ବଂଶୀଧର ସିଂହ, ସରୋଜ ମହାନ୍ତି, ବିଜୟ ଚନ୍ଦ୍ର ମହାନ୍ତି, ଅଜୟ ମହାନ୍ତି, ଇଶକ ଖାଁ, ନରେନ୍ଦ୍ର ଘୋଷ, ଅକ୍ଷୟ ମଲ୍ଲିକ, ୱାର୍ଡ ସଂଯୋଜକ ଡ ସନ୍ତୋଷ ବଳ, ସବିତା ନାୟକ, ପଲ୍ଲବୀ ଘୋଷ, ଶେଖର ଚନ୍ଦ୍ର ଦାସ, ସାହିଲ ପର୍ଭେଜ ପ୍ରମୁଖ ଉପସ୍ଥିତ ଥିଲେ।

### ସିଏମ୍‌ସି କାଉନ୍‌ସିଲକୁ ପୂରିଲା ୨ବର୍ଷ

# କଟକ ଦେଖିଲା ବିକାଶର ସ୍ୱର୍ଣ୍ଣିମ ଅଧ୍ୟାୟ

କଟକ, ୬।୪(ସମିସ)

କଟକ ମହାନଗର ନିଗମ(ସିଏମସି)ର ନବନିର୍ବାଚିତ କାଉନସିଲ ଗଠନକୁ ପୂରିଛି ଦୁଇ ବର୍ଷ। ଠିକ୍ ଏପ୍ରିଲ ୭, ୨୦୨୨ ତାରିଖ ଦିନ ବିପୁଳ ବ୍ୟବଧାନରେ ମେୟର ସୁବାସ ସିଂ ଓ ନବ ନିର୍ବାଚିତ କର୍ପୋରେଟରମାନେ ଶପଥ ଗ୍ରହଣ କରିଥିଲେ। ଏହି ୨ବର୍ଷ ଭିତରେ କଟକ ସହରର ଦେଖିଛି ବିକାଶର ସ୍ୱର୍ଣ୍ଣିମ ଅଧ୍ୟାୟ। ମେୟର ସୁବାସ ସିଂ ଏବଂ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। କାଉନସିଲ୍‌ର ୨ବର୍ଷ ପୂର୍ତ୍ତି ଅବସରରେ ସହରରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯାଇଥିଲା। ନବ ନିର୍ବାଚିତ କାଉନସିଲକୁ ଦେଢ଼ ବର୍ଷ ପୂରଣ କରିବା ମଧ୍ୟରେ ନେତାଜୀ ବସ୍ ଟର୍ମିନାଲ ଓ ୫୦ ବର୍ଷ ସମସ୍ୟା କୁହାଯାଉଥିବା ମୁଖ୍ୟ ଡ୍ରେନକୁ ବକ୍ସଡ୍ରେନରେ ପରିଣତ କରିବା ସହ ଏକ ଚାରି ଥାକିଆ ରାସ୍ତା ଓ ଆଲୋକୀକରଣ କାର୍ଯ୍ୟ ସମ୍ଭବ ହୋଇପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପ୍ରତି ୭ଦିନରେ ଏହି କାର୍ଯ୍ୟର ସମୀକ୍ଷା କରିବା ଏକ ଉଲ୍ଲେଖନୀୟ ଘଟଣା ଥିଲା ବୋଲି ମେୟର ଶ୍ରୀ ସିଂ ପ୍ରକାଶ କରିଛନ୍ତି। ଦୀର୍ଘ ୧୦୦ ବର୍ଷ ଧରି ରାସ୍ତା ଉପରେ ବେପାର କରୁଥିବା ଛତ୍ରବଜାର ଦୋକାନୀ ମାନଙ୍କୁ ଅର୍ବାନ ହାଟ ତିଆରି କରି ସେଠାରେ ସ୍ଥାୟୀ ଭାବରେ ବସାଯାଇପାରିଛି। ରାଣୀହାଟ ୱାଚ୍ ଟାୱାର କଟକର



■ ନିର୍ମାଣ ହୋଇଛି ବକ୍ସଡ୍ରେନ୍, ବସ୍‌ଷ୍ଟାଣ୍ଡ, ଲାଇବ୍ରେରୀ, ଅର୍ବାନ ହାଟ

■ ୨୭୦୦କୋଟି ଟଙ୍କା ବିନିଯୋଗ

ଏକ ଆକର୍ଷଣ ପାଲଟିଛି। ଜାଗା ମିଶନ୍ ଜରିଆରେ ୩୪୮୦ଜଣ ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ, ନରଣପୁର ଠାରେ ଅର୍ଥନୈତିକ ଅନଗ୍ରସର ପରିବାରଙ୍କୁ ୫୦୫ଟି ଘର ସ୍ୱଳ୍ପ ମୂଲ୍ୟରେ ମହାନଗର ନିଗମ ପକ୍ଷରୁ ଦିଆଯିବାର ବ୍ୟବସ୍ଥା କରାଯାଇପାରିଛି।

ଚଳିତ ବର୍ଷ ୭୫୨୯ ଜଣ ଲୋକଙ୍କୁ କଟକ ମହାନଗର ନିଗମ ମାଧ୍ୟମରେ ମଧୁବାବୁ ପେନସନ୍ ସୁବିଧା ଦିଆଯାଇଛି। ୩୬ଟି ନୂଆ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ, ୨୯ଟି ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ଉପଯୋଗୀ ହୋଇପାରିଛି। ମୁକ୍ତା ଯୋଜନା ରେ ୪୨୮ଟି ପ୍ରକଳ୍ପ କାମ ଏସଏଚଜିମାନଙ୍କ ମାଧ୍ୟମରେ କାର୍ଯ୍ୟକାରୀ ହୋଇଛି। ୧୦ଗୋଟି ଉନ୍ନତ ମାନର ସ୍ମାର୍ଟ ଲାଇବ୍ରେରୀ ବସ୍ତିରେ ପ୍ରତିଷ୍ଠା କରାଯିବା ଥିଲା ଉଲ୍ଲେଖନୀୟ। ୧୦ରୁ ଊର୍ଦ୍ଧ୍ୱ ପାର୍କ ନିର୍ମାଣ ଓ ୩୦ଟି ୱାର୍ଡ ଅଫିସ୍, ୩ଟି ସ୍ମାର୍ଟ ବସଷ୍ଟପ ଏବଂ ସ୍ମାର୍ଟ ଟଏଲେଟ ନିର୍ମାଣ କରାଯାଇଛି। ବସ ଟର୍ମିନାଲରେ ୩.୭୬ କୋଟି ଟଙ୍କା ମୂଲ୍ୟରେ ଏକ ଅତ୍ୟାଧୁନିକ ଆହାର କେନ୍ଦ୍ରର ନିର୍ମାଣ ହୋଇଛି। ୭୫ ଲକ୍ଷ ଟଙ୍କା ମୂଲ୍ୟରେ ଗୋରାକବରସ୍ଥିତ ମଧୁସୁଦନ ଦାସ ସମାଧୀ ପୀଠର ସୌନ୍ଦର୍ଯ୍ୟକରଣ, ୧.୬୫ କୋଟି ଟଙ୍କା ବିନିଯୋଗରେ ଟାଉନ ହଲ ଠାରେ ଏକ ଅତ୍ୟାଧୁନିକ ଆର୍ଟ ଗ୍ୟାଲେରୀର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଛି। ଖାନନଗର ଓ ସତୀଚଉରା ଠାରେ ଶବ ଦାହ ପାଇଁ ଗ୍ୟାସ ଚୁଲା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇପାରିଛି। ଡ୍ରିଙ୍କ ଫ୍ରମ ଟାପ୍ ମାଧ୍ୟମରେ ଜଳ ଯୋଗାଣ ଓ ୩୧କୋଟି ଟଙ୍କା ବିନିଯୋଗରେ ଓଡ଼ିଶାର ବୃହତ୍ ବିଶ୍ୱନାଥ ପଣ୍ଡିତ ଲାଇବ୍ରେରୀ ନିର୍ମାଣ କାର୍ଯ୍ୟ ଚାଲୁଅଛି। ୨୧୦କୋଟି ବ୍ୟୟରେ ୨ୟ ବକ୍ସ ଡ୍ରେନ ଟେଣ୍ଡର କରାଯାଇ କାମ ଆରମ୍ଭ ହେବାକୁ ଯାଉଅଛି। ୩୦କୋଟି ଟଙ୍କା ବିନିମୟ ରେ ନେତାଜୀ ଜନ୍ମପୀଠ ର ଉନ୍ନତି କରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଗଙ୍ଗା ମନ୍ଦିର ପୋଖରୀର ଉନ୍ନତିକରଣ, ଲେଜର ସୋ, ଫୁଡ୍ କୋର୍ଟ, ଯୋଗକେନ୍ଦ୍ର ପ୍ରଭୃତି ଆକର୍ଷଣୀୟ ଢଙ୍ଗରେ ଖୁବ୍ ଶୀଘ୍ର ପୂର୍ଣ୍ଣାଙ୍ଗ ହେବାକୁ ଯାଉଛି। ବାରବାଟି ଷ୍ଟାଡିୟମ ସମ୍ମୁଖରେ ଫୁଡ୍ କୋର୍ଟ ପୂର୍ଣ୍ଣାଙ୍ଗ କାର୍ଯ୍ୟ ମଧ୍ୟ ଦ୍ରୁତ ଗତିରେ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ୫୦ ବର୍ଷ ପେଟାନାଳ ସମସ୍ୟା କୁ ୩୯କୋଟି ଟଙ୍କା ବିନିମୟରେ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବାକୁ ଯାଉଛି। କଟକ ବକ୍ସିବଜାରରେ ପ୍ରଥମ ଥର, କର୍ମଜୀବୀ ମହିଳା ନିବାସ ନିର୍ମାଣ ଚାଲିଛି। ବିଜୁ ପଟ୍ଟନାୟକ ପାର୍କର ପୁନର୍ନିର୍ମାଣ, ଜୁଡିସିଆଲ ଏକାଡେମୀ ସମ୍ମୁଖରେ ଉନ୍ନତଧରଣର ପାର୍କ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବାକୁ ଯାଉଛି। ମହାନଦୀ ବିହାର ନୂଆ ବଜାର ଠାରୁ ବସ ଷ୍ଟପେଜ ପର୍ଯ୍ୟନ୍ତ ଉନ୍ନତିକରଣ ଓ ମିନି ଷ୍ଟାଡିୟମ କାମ ଚାଲିଛି। ଚୌଧରୀବଜାରସ୍ଥିତ ସିଏମ୍‌ସି ଅଫିସ୍ ନିକଟରେ ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ ଓ ସହିଦ ଭବନରେ ଅତ୍ୟାଧୁନିକ ସୁବିଧା ପ୍ରଦାନ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବାକୁ ଯାଉଛି ବୋଲି ମେୟର ଶ୍ରୀ ସିଂ ପ୍ରକାଶ କରିଛନ୍ତି।

## ନାବାଳିକାକୁ ଅସଦାଚରଣ ଅଭିଯୋଗରେ ୨ବର୍ଷ ଜେଲ୍

କଟକ, ୬।୪(ସମିସ): ଜନୈକା ନାବାଳିକାକୁ ଅସଦାଚରଣ ଓ ଜୀବନରେ ମାରି ଦେବାକୁ ଧମକ ଦେବା ମାମଲାର ଶୁଣାଣି କରି କଟକ ଆଡ୍-ହକ୍ ଅତିରିକ୍ତ ଦୌରା ଜଜ୍ ତଥା ଫାଷ୍ଟ ଟ୍ରାକ୍ ପୋକ୍ସୋ ଅଦାଲତ ତିଗିରିଆର ସୋନୁ ସ୍ୱାଇଁ(୩୨)କୁ ୨ବର୍ଷ ଜେଲ ଓ ୧୧ ହଜାର ୩ଶହ ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ପୋକ୍‌ସୋ ଆଇନର ଧାରା ୧୨, ଆଇପିସିର ଦଫା ୩୫୪-କ, ୪୪୮, ୫୦୬ରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜରିମାନା ରାଶି ଅନାଦେୟ ଅଧିକ ୩ ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି ଅଦାଲତ। ଏଥି ସହିତ ପୀଡିତା ନାବାଳିକାଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୧୮, ଅଗଷ୍ଟ ୧୩ ସକାଳେ ସୋନୁ ନାବାଳିକାଙ୍କ ଘରେ ପଶି ଅସଦାଚରଣ କରିଥିଲା। ଏ ନେଇ ତିଗିରିଆ ଥାନାରେ ଏତଲା ଦିଆଯାଇଥିଲା। ସରକାରଙ୍କ ତରଫରୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ଅଘୋଷିତ ବିଜୁଳି କାଟ

# ଟିପିସିଓଡିଏଲ୍ ଅଫିସ୍ ଆଗରେ ବିକ୍ଷୋଭ

କଟକ, ୬।୪(ସମିସ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହବେଳେ ବାରମ୍ବାର ବିଦ୍ୟୁତ କାଟ୍ ଲୋକଙ୍କୁ ଅତିଷ୍ଠ କରିଛି। ଏହାର ପ୍ରତିବାଦରେ ବାଦାମବାଡ଼ିସ୍ଥିତ ଟିପିସିଓଡିଏଲ୍ ଅଫଇସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଫାଇନ କାଟିବା ନାଁରେ ଉପଭୋକ୍ତାମାନଙ୍କୁ ହଇରାଣ ହରକତ କରାଯାଉଥିବାବେଳେ ତା'ଠୁ ଅଧିକ ଯନ୍ତ୍ରଣା ଦେଉଛି ବିଦ୍ୟୁତ୍ କାଟ। ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟି ସ୍ଥାନାନ୍ତରିତ ହେଉନାହିଁ। ବିଭିନ୍ନ ସ୍ଥାନରେ ବୁସ୍ କଟିଂ ନହେବା ଯୋଗୁ ଗଛ ଲତା ଆଦି ମାଡ଼ି ବିପଦ ସୃଷ୍ଟି କରୁଛି। ସେହି ଭଳି ବଡ଼ ମେଡିକାଲରେ ବାରମ୍ବାର ବିଜୁଳି କାଟ ଯୋଗୁଁ ରୋଗୀମାନେ ବହୁ ଅସୁବିଧା ଭୋଗୁଛନ୍ତି। ଏହାର ପ୍ରତିବାଦରେ ଆଜି କଟକ ମହାନଗର ନିଗମ କଂଗ୍ରେସ କର୍ପୋରେଟର ଦଳ ଓ କଂଗ୍ରେସ କର୍ମୀମାନଙ୍କ ପକ୍ଷରୁ କଟକ ମହାନଗର ନିଗମ ବିରୋଧୀ ଦଳ ନେତା ତଥା କର୍ପୋରେଟର ସନ୍ତୋଷ କୁମାର ଭୋଳଙ୍କ ନେତୃତ୍ୱରେ ବାଦାମବାଡ଼ି ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହିତ ଆଲୋଚନା କରଯାଇଥିଲା। କର୍ପୋରେଟର ଲିଜାରାଣୀ ରାଉତ, ଶୁଭାଶିଷ ପଟ୍ଟନାୟକ ଓ ଜନାର୍ଦ୍ଦନ ପରିଡ଼ା, କଟକ ଜିଲ୍ଲା ମହିଳା କଂଗ୍ରେସ ସଭାପତି ଅମ୍ରିତା ଦାସ, ପିସିସି ସଧାରଣ ସମ୍ପାଦକ ପ୍ରିୟଜିତ ରାୟ, କଟକ ଜିଲ୍ଲା ଓବିସି ସେଲ ସଭାପତି ଅଶୋକ ସ୍ୱାଇଁ, କଟକ ଜିଲ୍ଲା ଉପ ସଭାପତି ମନୋଜ ବିଶ୍ୱାଳ, ଅନିଲ ବେଉରା, ଦୀପକ ପରିଡ଼ା, ସୁକାନ୍ତ ସାହାଣି, ଚାରୁଲତା ସାହୁ, କୃଷ୍ଣପ୍ରିୟା ବାରିକ, ରଶ୍ମି ରଞ୍ଜନ ମହାପାତ୍ର, ସ୍ମୃତି ରଞ୍ଜନ ରାଉତ, ରାଜଶିଖର ସ୍ୱାଇଁ, ସାଗର ବସ୍ତିଆ, ଅଜୟ ଗୋଛାୟାତ, ପ୍ରତାପ ପରିଡ଼ା, ଦୀପକ ସାହୁ, ଶଶିକାନ୍ତ ଆଚାର୍ଯ୍ୟ, ରୋହିତ ସ୍ୱାଇଁ, ଜଗନ ସାହୁ, ଆଲୋକ ନନ୍ଦ, ତାପସ ରାଉତ, ହିମାଂଶୁ ଶେଖର ସାହୁ, ଦୁର୍ଗା ପ୍ରସାଦ ଦାସ, ପ୍ରେମ ବାହାଦୁର, ଖିତେନ୍ଦ୍ର ଜେନା, ଗୋବିନ୍ଦ ଲେଙ୍କା, ସୁରଜିତ ସାହୁ, ଅମୃତ ମିଶ୍ର, ମୃତ୍ୟୁଞ୍ଜୟ ମହାନ୍ତି, ଅଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ସହରରେ ପୁଣି ଜଣ୍ଡିସ୍ ଆତଙ୍କ: ରାଜେନ୍ଦ୍ରନଗରରେ ସ୍ଥିତି ଅସମ୍ଭାଳ

କଟକ, ୬।୪(ସମିସ)

ପୁଣି ସହରରେ ଦେଖାଦେଇଛି ଜଣ୍ଡିସ୍ ଆତଙ୍କ। ମହାନଗର ନିଗମ (ସିଏମ୍‌ସି) ୫୨ନଂ ୱାର୍ଡ ରାଜେନ୍ଦ୍ରନଗର ଅଞ୍ଚଳରେ ଜଣ୍ଡିସ୍ ଆତଙ୍କ ଯୋଗୁଁ ୱାର୍ଡବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ୭ରୁ ୮ ବର୍ଷ ଶିଶୁ ଠାରୁ ବୟସ୍କ ବ୍ୟକ୍ତି ଏଥିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଦୂଷିତ ପାଣି ପିଇ ଜଣ୍ଡିସ ବ୍ୟାପୁଥିବା ଆଶଙ୍କା କରାଯାଉଛି। ଅନ୍ୟପଟେ ଅଞ୍ଚଳର ଜନସାଧାରଣଙ୍କ ଠାରୁ ଅଭିଯୋଗ ପାଇବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ଉକ୍ତ ସ୍ଥାନରେ ପହଞ୍ଚି ତଦନ୍ତ କରିଛନ୍ତି। ରୋଗ ବ୍ୟାପିବାର କାରଣ ଜାଣିବାକୁ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଆକ୍ରାନ୍ତଙ୍କ ମଧ୍ୟରୁ କିଛି ଜଣ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ଆଉକିଛି ଘରେ ରହି ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ ରାଜେନ୍ଦ୍ରନଗର ଅଞ୍ଚଳରେ ୫୦ରୁ ୬୦ ଜଣ ଜଣ୍ଡିସ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ଜିଲ୍ଲା ସ୍ୱାସ୍ଥ୍ୟବିଭାଗର ନୂଆ ବଜାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଏକ ଦଳନେଇ ରାଜେନ୍ଦ୍ରନଗରର ଲୋକଙ୍କ ଠାରୁ ରକ୍ତ ଓ ପାଣି ନମୁନା ସଂଗ୍ରହ କରିଥିଲେ। ପ୍ରଥମ ପର୍ଯ୍ୟାୟ ଯାଞ୍ଚରେ ୬ ଜଣ ସଂକ୍ରମିତ ଥିବା ଜଣା ପଡ଼ିଥିଲା। ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ରବିବାର ଠାରୁ ଉକ୍ତ ସ୍ଥାନରେ ସ୍ୱାସ୍ଥ୍ୟ ଟିମ ଘର ଘର ବୁଲି ରକ୍ତ ନମୁନା ସଂଗ୍ରହ କରିବ। ଏଥିସହ ଉକ୍ତ ଅଞ୍ଚଳରେ ଏକ କ୍ୟାମ୍ପ ଖୋଲାଯିବ। ନୂଆ ବଜାର ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ସେଠାରେ ନିୟୋଜିତ ହେବେ। ପାଣି ପାଇପ ଫାଟି ସଂକ୍ରମଣ ଆଶଙ୍କା ଥିବାରୁ ରବିବାର ଠାରୁ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯିବ। ଏ ନେଇ ସିଡିଏମ୍‌ଓ ଡ. ମକରାନନ୍ଦ ବେଉରା କହିଛନ୍ତି, କେବଳ ଦୂଷିତ ପାଣି ଜଣ୍ଡିସର କାରଣ ନୁହେଁ। ଏହାର ଅନ୍ୟ କାରଣ ମଧ୍ୟ ରହିଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ପାଣି ନମୁନା ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟରୁ ଜଣ୍ଡିସ ବ୍ୟାପିବାର କାରଣ ଜଣାପଡ଼ିବ। ତେବେ ଲୋକଙ୍କ ଅଭିଯୋଗକୁ ଆଧାର କରି ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

**AFFIDAVIT**

By virtue of an affidavit before Executive Magistrate, Bhubaneswar. I have changed my name from Rima Dhawan To Reema Diddee. Henceforth, I shall be known as **REEMA DIDDEE**, D/o- Late Madhusudan Lal Diddee resident of Flat No-401, 4th Floor, A-One Mansion, Plot No.129, K-3A Kalinga Nagar, Po-Ghatikia, Ps-Khandagiri, Bhubaneswar, Dist-Khorda, Odisha for all future purposes.

**AFFIDAVIT**

I, Iqubal Yusuf, S/o- MD Ather, resident of At- Mukundaprasad, Po- P.N College, Ps/Dist- Khordha, Pin-752057, Odisha declare by this affidavit No. 616, date-06/04/2024, that now onwards I shall be known as **MOHAMMED IQBAL YOUSUF** for all future purposes.

**AFFIDAVIT**

I, Mahemed Abu Salam, S/o- Mohammed Ekram Rasul, resident of At/Po-Neulpur, Ps-Dharmasala, Dist-Jajpur, Pin-755024, Odisha declare by this affidavit No. 617, date-06/04/2024, that now onwards I shall be known as **MOHAMMED ABUSALAM** for all future purposes.

### ଅଧାରେ ରହିଲା ଜଗା ଦର୍ଶନ

# ସାଇବର ଠକେଇର ଶିକାର ହେଲେ ବରିଷ୍ଠ ନାଗରିକ

କଟକ, ୬।୪(ସମିସ)

ମାଲଗୋଦାମ ଥାନା ଅନ୍ତର୍ଗତ ଷ୍ଟେସନ୍ ବଜାରସ୍ଥିତ ଇନ୍ଦ୍ରାଣୀ କମ୍ପ୍ଲେକ୍ସରେ ରହୁଥିବା ଜଣେ ବରିଷ୍ଠ ନାଗରିକ ସାଇବର ଠକେଇର ଶିକାର ହୋଇଛନ୍ତି। ଏଥି ସହିତ ତାଙ୍କୁ ପୁରୀର ଏକ ହୋଟେଲ୍ ପକ୍ଷରୁ ମାନସିକ ନିର୍ଯାତନା ଦିଆଯାଇଥିବା କଟକ ସାଇବର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀଙ୍କ ନାଁ ବିଜୟ କୁମାର ଘୋଷ(୭୭)। ବରିଷ୍ଠ ନାଗରିକ ବିଜୟ ଅନଲାଇନ୍ ମାଧ୍ୟମରେ ପୁରୀର ଏକ ହୋଟେଲ୍ ବୁକ୍ କରିଥିଲେ। ଏଥିପାଇଁ ଅନଲାଇନ୍ ଟ୍ରାଞ୍ଜାକସନ୍ ମାଧ୍ୟମରେ ଅଗ୍ରୀମ ଟଙ୍କା ଦେଇଥିଲେ। ହେଲେ ଉକ୍ତ ହୋଟେଲ୍‌ରେ ପହଞ୍ଚିବାରୁ ଫ୍ରଣ୍ଟ୍ ଅଫିସ ପକ୍ଷରୁ ତାଙ୍କ ନାଁରେ ହୋଟେଲ୍‌ର କୌଣସି ରୁମ୍ ବୁକ୍ ହୋଇନଥିବା ସୂଚନା ଦିଆଯାଇଥିଲା। ଏହାପରେ ଏହି ବରିଷ୍ଠ ନାଗରିକ ଜଣକ ଠକାମୀର ଶିକାର ହେବା ଜାଣି ନିରାଶ ହୋଇ କଟକ ଫେରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ସେ ଯାଇଥିଲେ ମଧ୍ୟ ଏହି ଦର୍ଶନରୁ ବଞ୍ଚିତ ହୋଇଥିଲେ। ଏ ସମ୍ପର୍କରେ ସେ ପ୍ରଥମେ ମାଲଗୋଦାମ ଥାନା ଓ ପରେ ସାଇବର ଥାନାରେ ଏତଲା ଦେଇଛନ୍ତି। ସାଇବର ଥାନା ପୁଲିସ ଏତଲା ପଞ୍ଜୀକରଣ କରି ତଦନ୍ତ ଚଳାଇଥିବା




ଅନ୍‌ଲାଇନ୍‌ରେ ୩ହଜାର ୯୯୯ଟଙ୍କା ଓ ବ୍ୟକ୍ତିଗତ ତଥ୍ୟ ଚୋରି

ସାଇବର ଥାନାରେ ଏତଲା ଦେଲେ ବରିଷ୍ଠ ନାଗରିକ

ଆଇଆଇସି ରଶ୍ମିତା ଜେନା ସୂଚନା ଦେଇଛନ୍ତି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ପୁରୀର ଭିଆଇପି ରୋଡ୍‌ରେ ପୁରୀ ହୋଟେଲ୍ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଏକ ସମ୍ଭ୍ରାନ୍ତ ହୋଟେଲ୍ ରହିଛି। ଏହି ହୋଟେଲ୍‌ର ବୁକିଂ ଉଭୟ ଅଫଲାଇନ୍ ଓ ଅନଲାଇନ୍‌ରେ କରାଯାଏ। ତେବେ ଅଭିଯୋଗକାରୀ ବିଜୟ ଜଗନ୍ନାଥ ଦର୍ଶନ କରିବା ନିମନ୍ତେ ପୁରୀରେ ୩ଦିନ ରହିବା ପାଇଁ ଏହି ହୋଟେଲ୍‌କୁ ଚୟନ କରି ଅନଲାଇନ୍‌ରେ ବୁକିଂ କରିଥିଲେ। ଏକ ଡିଲକ୍ସ ରୁମ୍ ବୁକ୍ କରିବା ସହିତ ହୋଟେଲ୍‌ର ସମସ୍ତ ଲକ୍ସଜରିୟସ୍ ବ୍ୟବସ୍ଥା ପାଇବାକୁ ବୁକିଂ ପ୍ଲାଟ୍‌ଫର୍ମରେ ଚୟନ କରିଥିଲେ। ଏଥି ନିମନ୍ତେ ୩ହଜାର ୯୯୯ଟଙ୍କା ଏନ୍‌ଇଏଫଟି ମାଧ୍ୟମରେ ଟ୍ରାନ୍ସଫର୍ କରିଥିଲେ। ଟଙ୍କା ପାଇବା ପରେ ସମ୍ପୃକ୍ତ ହୋଟେଲ୍ ପକ୍ଷରୁ କନ୍‌ଫର୍ମେସନ୍ ଏକ ପିଡିଏଫ୍ ଫାଇଲ୍‌ରେ ଆସିଥିଲା। ଅଭିଯୋଗକାରୀ ଉକ୍ତ ବୁକିଂ କନ୍‌ଫର୍ମେସନ୍‌କୁ ନେଇ କଟକରୁ ପୁରୀ ଯାଇଥିଲେ। ହେଲେ ହୋଟେଲ୍‌ରେ ପହଞ୍ଚି ବୁକ୍ ହୋଇଥିବା ରୁମ୍ ଚାବି ମାଗିବାରୁ ଫ୍ରଣ୍ଟ୍ ଅଫିସରେ ଆଦୌ ରୁମ୍ ବୁକ୍ ହୋଇନଥିବା ତାଙ୍କୁ କୁହାଯାଇଥିଲା। ବରିଷ୍ଠ ନାଗରିକ ଜଣକ ବାରମ୍ବାର ନିବେଦନ କରିବା ପରେ ହୋଟେଲ୍ ପକ୍ଷରୁ ଖରାପ ବ୍ୟବହାର କରାଯାଇଥିଲା। ସେ କୌଣସି ଉପାୟ ନପାଇ କଟକ ଫେରି ଆସିଥିଲେ।

ପ୍ରଥମେ ମାଲଗୋଦାମ ଥାନାରେ ଏ ସମ୍ପର୍କରେ ଜଣାଇବା ପରେ ପୁଲିସ ସମ୍ପୃକ୍ତ ଅନଲାଇନ୍ ବୁକିଂ ପ୍ଲାଟଫର୍ମକୁ ଖୋଳତାଡ଼ କରିଥିଲା। ପୁରୀ ହୋଟେଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ବ୍ୟାଙ୍କ୍ ଆକାଉଣ୍ଟ୍ ଭିଆଇପ୍ ରୋଡ୍‌ରେ ଥିବା କୋଟାକ୍ ମହେନ୍ଦ୍ରା ବ୍ୟାଙ୍କ୍‌ରେ ରହିଛି। ଯେଉଁ ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ଅଭିଯୋଗକାରୀ ଏନ୍‌ଇଏଫଟି ମାଧ୍ୟମରେ ଟଙ୍କା ଟ୍ରାନ୍ସଫର୍ କରିଥିଲେ। ଏହାର ସତ୍ୟାସତ୍ୟ ଜାଣିବା ପରେ ମାଲଗୋଦାମ ପୁଲିସ ସାଇବର ଥାନାରେ ଏତଲା ଦେବାକୁ କହିଥିଲା। ଯେହେତୁ ହୋଟେଲ୍‌ର ପ୍ରକୃତ ବ୍ୟାଙ୍କ ଆକାଉଣ୍ଟ୍‌କୁ ବୁକିଂ ଅଗ୍ରୀମ ଯାଇଛି, ତେଣୁ ଅନ୍ୟ ସାଇବର ଲୁଟେରା ଏହି ଘଟଣାରେ ସମ୍ପୃକ୍ତ ନଥିବା ସାଇବର ଥାନା ପୁଲିସ ସ୍ପଷ୍ଟ ହୋଇଛି। ସମ୍ପୃକ୍ତ ହୋଟେଲ୍ ପକ୍ଷରୁ ଏଭଳି ସାଇବର ଠକାମି କରାଯାଉଛି ବୋଲି ପୁଲିସ କହିଛି। କେବଳ କଟକର ବରିଷ୍ଠ ନାଗରିକ ନୁହଁନ୍ତି, ଦୈନିକ ବିଭିନ୍ନ ହୋଟେଲ୍ ବୁକିଂ ପାଇଁ ଶହ ଶହ ଜନସାଧାରଣ ଅନଲାଇନ୍ ବୁକିଂ କରୁଛନ୍ତି। କିନ୍ତୁ ସେମାନଙ୍କ ବୁକିଂ ଚାର୍ଜେସ୍ ଠକି ନେଇ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି। ସାଇବର ଠକଙ୍କ ସହିତ ହୋଟେଲ୍ କର୍ତ୍ତୃପକ୍ଷ ହାତ ମିଶାଇ ଏଭଳି ଠକାମି କରୁଥିବା ନଜରକୁ ଆସୁଛି। ଏହି ଅନଲାଇନ୍ ବୁକିଂକୁ ନେଇ ସଚେତନତା କରାଯାଉଥିଲେ ମଧ୍ୟ ଠକେଇର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ଅଭିଯୋଗକାରୀ ବରିଷ୍ଠ ନାଗରିକ ହୋଇଥିବା ବେଳେ ପୁଲିସ ତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ତଦନ୍ତ କରୁଥିବା କହିଛି।

(ନିଲାମ ଇସ୍ତାହାର)

ମାନନୀୟ ଶ୍ରୀଯୁକ୍ତ ଦେୱାନୀ ଜର୍ଜ ତଥା ଫୌଜଦାରି ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ, ସୋହେଲା

ଏକଜ୍ୟୁକୁଶନ କେଶ ନଂ୦୫/୮/୨ ଅଫ ୨୦୧୭-୧୮

ଅଜନ୍ତା ଶୁଭଦର୍ଶିନୀ ...ଡିକ୍ରିଦାର
ବନାମ
ଦିଲ୍ଲିପ କୁମାର ସାହୁ ... ଦେନାଦାର

ଏତଦ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି ଯେ, ଦେନାଦାର ଦିଲ୍ଲିପ କୁମାର ସାହୁ, ପି-ସ୍ୱର୍ଗତ ସୋମନାଥ ସାହୁ, ନି/ପୋ-ଇଛାପୁର, ଥା-ଡୁଙ୍ଗୁରିପାଲି, ଜିଲ୍ଲା-ସୁବର୍ଣ୍ଣପୁରଙ୍କ ନିମ୍ନ ତଫସିଲ ବର୍ଣ୍ଣିତ ଜମି ଆସନ୍ତା ତା.୧୨.୦୪.୨୦୨୪ରିଖ ଇସବି ଦିନ ଘ ୧୧ଣ୍ଟା ସମୟରେ ଉକ୍ତ ଅଦାଲତରେ ପ୍ରକାଶ୍ୟ ନିଲାମ କରାଯିବ ।

ତଫସିଲ

ମୌଜା-ଗଣ୍ଡିଆପାଲି, ଥା/ତ-ବିଜେପୁର, ଜିଲ୍ଲା-ବରଗଡ, ଚକ ଖାତା ନଂ-୧୨୫, ଚକ ନଂ-୩୯୭, ଚକ ପ୍ଲଟ ନଂ-୮୩୭, ରକବା ଏ୦.୪୦ଡି ।

ଦେୱାନୀ ଜଜ ତଥା ଫୌଜଦାରୀ
ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ସୋହେଲା

# ବାରୁଣୀ ଯାତ୍ରା
# ମହାନଦୀରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ



ଚୌଦ୍ୱାର, ୬।୪(ସମିସ):

ଆଠଗଡ଼ ବ୍ଲକ ବ୍ରହ୍ମପୁରର ବାରୁଣୀ ଯାତ୍ରା ପଡ଼ିଆସ୍ଥିତ ସିଦ୍ଧ ନାରାୟଣୀ ପୀଠ ନିକଟ ମହାନଦୀରେ ପବିତ୍ର ବାରୁଣୀ ବୁଡ଼ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ପ୍ରଭୁ ଧବଳେଶ୍ୱର ଓ ସର୍ପେଶ୍ୱରଙ୍କ ସମେତ ଅଞ୍ଚଳର ୧୪ଟି ଠାକୁର ବାଡ଼ିର ଠାକୁର ଶୋଭାଯାତ୍ରାରେ ଆସି ବାରୁଣୀ ଘାଟରେ ଶନିବାର ଦିବା ୧୧.୪୫ମିନିଟ ସମୟରେ ପବିତ୍ର ମହାନଦୀରେ ବୁଡ଼ ପକାଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳ ଓ ବାହାରର ହଜାର ହଜାର ଶ୍ରଦ୍ଧାଳୁ ମହାନଦୀରେ ପବିତ୍ର ବୁଡ଼ ପକାଇ ଥିଲେ। ଏହି ସ୍ନାନ ଯାତ୍ରାରେ ନୂଆ ଶାସନର ରାମେଶ୍ୱର, ଗୋପାଳଜିଉ, ଲକ୍ଷ୍ମୀନାରାୟଣ, ରାଧାକୃଷ୍ଣ, ଗୋପୀନାଥଜିଉ, ସ୍ୱପ୍ନେଶ୍ୱର, ବୃନ୍ଦାବନଚନ୍ଦ୍ର ଦେବ, ରାଧାଶ୍ୟାମଜିଉ, ରାଧାକୃଷ୍ଣ, ଶ୍ରୀରାଧାକୃଷ୍ଣ ଆଦି ଦିଅଁ ସାମିଲ୍ ହୋଇଥିଲେ। ଧବଳେଶ୍ୱର ସଂକୀର୍ତ୍ତନ ମହାମଣ୍ଡଳ ତରଫରୁ ନାମ ସଂକୀର୍ତ୍ତନ କରାଯାଇଥିଲା। ଏହି ବାରୁଣୀ ସ୍ନାନ ଯାତ୍ରାକୁ ଗ୍ରାମ କମିଟି ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ପ୍ରମୋଦ ସ୍ୱାଇଁ, କୈଳାସ ଚନ୍ଦ୍ର ସାହୁ, ବାଦଲ ସାମଲ, ଉମାକାନ୍ତ ସ୍ୱାଇଁ, ଧୋବି ବିଶ୍ୱାଳ, ଧୈର୍ଯ୍ୟଧର ନାୟକ, କବିରାଜ ସାହୁ, ବଂଶୀଧର ଶତପଥୀ, ରଞ୍ଜନ ସାମନ୍ତ, ରବି ନାରାୟଣ ମହାରଣା, ମନୋହର ସାମନ୍ତଙ୍କ ସମେତ ବିଭିନ୍ନ ଠାକୁରବାଡ଼ି ପ୍ରତିନିଧି ଓ ବ୍ରହ୍ମପୁର ଗ୍ରାମାବାସୀ ପରିଚାଳନା କରିଥିଲେ। ପରମ୍ପରାମତେ ବାରୁଣୀ ସ୍ନାନ ପୂର୍ବରୁ କଖଡ଼ି ଗ୍ରାମ ପାଲାତୋଟାରେ ପ୍ରସିଦ୍ଧ ହରିହର ଭେଟ ଉତ୍ସବ ଅନୁଷ୍ଠିତ ହୋଇ ଥିଲା। କଖଡ଼ି ଗ୍ରାମ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଖଡ଼ି ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଲକ୍ଷ୍ମୀନାରାୟଣ ପ୍ରଥମେ ଶ୍ରୀଶ୍ରୀ ଧବଳେଶ୍ୱର ମହାଦେବଙ୍କୁ ଏହି ମହୋତ୍ସବ ପାଇଁ ନିମନ୍ତ୍ରଣ କରି ପାଲାତୋଟାକୁ ନେଇଥିଲେ। ପରେ ଦିଅଁମାନେ ଗ୍ରାମ ପରିକ୍ରମା କରି ପାଲାତୋଟା ଦୋଳ ମଣ୍ଡପରେ ଆସ୍ଥାନ କରିଥିଲେ। ଅନ୍ୟଗ୍ରାମରୁ ବିମାନ ସବୁ ଶୋଭାଯାତ୍ରାରେ ଆସି ପାଲା ତୋଟାରେ ଏକତ୍ରିତ ହୋଇଥିଲା। ସର୍ପେଶ୍ୱର ମହାଦେବ ଶୋଭାଯାତ୍ରାରେ ଆସି ଧବଳେଶ୍ୱରଙ୍କୁ ରୀତିନୀତିରେ ପୂଜାର୍ଚ୍ଚନା ପୂର୍ବକ ବାରୁଣୀ ସ୍ନାନ ପାଇଁ ବ୍ରହ୍ମପୁରସ୍ଥିତ ମହାନଦୀ ଘାଟକୁ ନେଇଥିଲେ। ଗ୍ରାମ କମିଟି ସଭାପତି ଦିଲ୍ଲୀପ ଛତାର, ସନ୍ତୋଷ କୁମାର ବେଦାନ୍ତ, ରଞ୍ଜନ ମୁଦୁଲି, ଓମପ୍ରକାଶ ମୁଦୁଲି, ପବିତ୍ର ନାୟକ, ପ୍ରକାଶ ଚନ୍ଦ୍ର ମୁଦୁଲିଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଏହି ଅପୂର୍ବ ମିଳନ ଦୃଶ୍ୟକୁ ଭକ୍ତିର ସହ ଉପଭୋଗ କରିଥିଲେ।

## ସାପ କାମୁଡ଼ାରେ ଜଣେ ମୃତ

ବଡ଼ମ୍ବା, ୬।୪(ସମିସ): ବଡ଼ମ୍ବା ବ୍ଲକ ବିଶ୍ୱମ୍ବରପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଲେ ମଙ୍ଗୁଳି ମୁଦୁଲି। ମଙ୍ଗୁଳି ତାଙ୍କ ବାଡ଼ିପଟକୁ ମଳ ତ୍ୟାଗ କରିବା ପାଇଁ ଯାଇ ଶୌଚ ହେବାବେଳେ ସାପ କାମୁଡ଼ି ଦେଇଥିଲା। ସାପ କାମୁଡ଼ି ଦେଲା ବୋଲି କହି ଚିତ୍କାର କରିବା ସହ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବଡ଼ମ୍ବା ଡାକ୍ତରଖାନାକୁ ନେଇ ସେଠାରେ ଚିକିତ୍ସା କରାଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ତାଙ୍କ ଦାଦା ପୁଅ ଭାଇ ବଂଶୀଧର ମୁଦୁଲି ବଡ଼ମ୍ବା ଥାନାରେ ଲିଖିତ ଭାବେ ଜଣାଇଛନ୍ତି।

## କାଞ୍ଜିଆ ଗ୍ରାମରେ ଲଉଡ଼ି ଖେଳ

ଟାଙ୍ଗୀ, ୬।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କାଞ୍ଜିଆ ଗ୍ରାମରେ ଲଉଡ଼ି ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହାଡ଼ିବନ୍ଧୁ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେଡି ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ରଞ୍ଜିତ କୁମାର ରାଉତ, ସରପଞ୍ଚ ପ୍ରତିନିଧି ଜଗନ୍ନାଥ ଦାସ, ରବିନାରାୟଣ ରାଉତ, ଓ ଗୋପାଳ ବେହେରା, ମନୋଜ ଖିଲାର ପ୍ରମୁଖ ଯୋଗଦାନ କରି ଗୋପାଳ ମାନଙ୍କ ଦ୍ୱାରା ହେଉଥିବା ଲଉଡ଼ି ଖେଳ ସଂସ୍କୃତିର ଏକ ପ୍ରତୀକ ବୋଲି ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଣିଆ, କଡ଼େଇ, ଅଭୟପୁର, କୁଜିବର ଓ କାଞ୍ଜିଆ ଗ୍ରାମର ଦୁଇଶହରୁ ଉର୍ଦ୍ଧ୍ୱ ଲଉଡ଼ି ଖେଳାଳି ଭାଗ ନେଇଥିଲେ। ଏଥିରେ ପୂର୍ଣ୍ଣଚନ୍ଦ୍ର ବେହେରା, ମନୋଜ ବେହେରା, ଲକ୍ଷ୍ମୀଧର ବେହେରା, ଦୁର୍ଯୋଧନ ବେହେରା ଓ ରମେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ସାଲେପୁରରେ ପୁଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ



ସାଲେପୁର, ୬।୪(ସମିସ): ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା ସହ ନିର୍ବାଚନରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଉଦ୍ଦେଶ୍ୟରେ ଶନିବାର ସାଲେପୁର ପୁଲିସ ପକ୍ଷରୁ ସାଲେପୁର ସହରରେ ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ମନୋଜ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଓ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନଙ୍କ ଉପସ୍ଥିତିରେ ସିଆଇଏସ୍‌ଏଫ୍ ଜବାନ୍‌ର ୨ପ୍ଲାଟୁନ୍ ଫୋର୍ସ ଓ ସାଲେପୁର ପୁଲିସର ମିଳିତ ଆନୁକୂଲ୍ୟରେ ସାଲେପୁର ବଜାର, ଜପକୁଦ ବଜାର, ମାଳ ଲେଖନପୁର ଓ ରାମେଶ୍ୱର ବଜାର ସମେତ ବିଭିନ୍ନ ସ୍ଥାନରେ ପୁଲିସ ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା।

## ଏସି ଚୋର ଗିରଫ

କଟକ, ୬।୪(ସମିସ): ସହରରେ ଦିନରେ ବୁଲି ବୁଲି କୋଠା ଓ ଝରକାରେ ଲାଗିଥିବା ଏସି(ଶୀତତାପ ନିୟନ୍ତ୍ରଣ ଯନ୍ତ୍ର)କୁ ଚିହ୍ନଟ କରିବା ପରେ ରାତି ଅଧରେ ସେଥିରୁ ମୂଲ୍ୟବାନ ତମ୍ବା ପାଇପ ଚୋରିକରି ଆସୁଥିବା ଜଣେ କୁଖ୍ୟାତ ଚୋରକୁ ଗିରଫ କରିଛି କ୍ୟାଣ୍ଟନମେଣ୍ଟ ଥାନା ପୁଲିସ। ଅଭିଯୁକ୍ତଜଣକ ହେଲା ସ୍ଥାନୀୟ ପଟ୍ଟାପୋଲ ଗୋଦାମ ଗଳିର ଆର୍ ରାମା। ତା' ନିକଟରୁ ବିପୁଳ ପରିମାଣର ତମ୍ବା ପାଇପ, ତାର ଓ ଚୋରିରେ ବ୍ୟବହୃତ ସରଞ୍ଜାମ ଏବଂ ସାଇକଲକୁ ଜବତ କରାଯାଇଥିବା ଥାନା ଅଧିକାରୀ ପ୍ରମୋଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ କିଛିଦିନ ହେବ କ୍ୟାଣ୍ଟନ୍‌ମେଣ୍ଟ ଥାନା ଅଞ୍ଚଳରେ ଏକାଧିକ ଘରୋଇ ସଂସ୍ଥା ଓ ସରକାରୀ କାର୍ଯ୍ୟାଳୟର ଝରକା ଓ ଛାତରେ ଲାଗିଥିବା ଏସିର ପାଇପ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରି ଯାଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ପୁଲିସ ଘଟଣାର ତଦନ୍ତ ଜାରି ରଖିଥିଲେ ହେଁ ଚୋରକୁ ଧରିବାରେ ସକ୍ଷମ ହେଉ ନଥିଲା। ଗତ ଦୁଇଦିନ ପୂର୍ବେ ବକ୍ସିବଜାରସ୍ଥିତ ପଶୁ ଚିକିତ୍ସାଳର ଛାତ ଓ ଝରକାରେ ଲାଗିଥିବା ଏକାଧିକ ଏସିର ପାଇପ ଚୋରିଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ତଦ୍‌ନୁଯାୟୀ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇବା ସହିତ ସିସିଟିଭି କ୍ୟାମେରାର ଫୁଟେଜ ଯାଞ୍ଚ କରିଥିଲା। ଫୁଟେଜରେ ଅଭିଯୁକ୍ତ ଆର.ରାମାକୁ ଚିହ୍ନଟ କରାଯାଇଥିଲା। ଏହିକ୍ରମରେ ଆଜି ପୁଲିସ ତା'ର ଘରେ ଚଢ଼ଉ କରି ତାକୁ ଗିରଫ କରିବା ସହିତ ସେ ଲୁଚାଇ ରଖିଥିବା ପାଇପ ଓ ଅନ୍ୟାନ୍ୟ ସରଞ୍ଜାମକୁ ଜବତ କରିଥିଲା। ଅଭିଯୁକ୍ତ ନାମରେ ପୂର୍ବରୁ ଏକାଧିକ ଚୋରି ମାମଲା ରହିଥିବା ପୁଲିସ କହିଛି।

## ଦୁର୍ଘଟଣାରେ ଜଣେ ଆହତ

କଟକ, ୬।୪(ସମିସ): ହାଇୱା ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ହୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ବାଦାମବାଡ଼ି ଥାନା ପୁଲିସ ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ପଠାଇବା ସହିତ ହାଇୱାକୁ ଜବତ କରିଥିଲା। ବକ୍ସିବଜାର ଅଞ୍ଚଳର ଆଶିଷ କୁମାର ସିହ୍ନା ଗତ ବୁଧବାର ବିଳମ୍ବିତ ରାତିରେ ବାଦାମବାଡି ଛକ ଦେଇ ହିରୋହୋଣ୍ଡା ଗ୍ଲାମର୍ ବାଇକ୍‌ରେ ଘରକୁ ଫେରୁଥିଲେ। ଟ୍ରାଫିକ୍ ଛକ ନିକଟରେ ଏକ ହାଇୱା ପଛରୁ ଆସି ତାଙ୍କୁ ଧକ୍କା ଦେଇଥିଲା। ଆଶିଷ୍ ରାସ୍ତା କଡକୁ ଛିଟ୍‌କି ପଡ଼ି ଆହତ ହୋଇଥିଲେ। ହାଇୱା ଚାଳକ ମଦ ପିଇ ଗାଡି ଚଳାଉଥିବା ଜଣାପଡ଼ିଥିଲା। ପୁଲିସ ହାଇୱା ଗାଡିକୁ ଅଟକାଇବାର କିଛି ସମୟ ପରେ ଛାଡି ଦେବା ଏବଂ ଚାଳକ ଗାଡି ନେଇ ପଳାଇଯାଇଥିବା ଅଭିଯୋଗ ଉଠିଛି।

## ତାତିରେ କଲବଲ ବାଦୁଡ଼ି, ଚିନ୍ତାରେ ପରିବେଶବିତ୍

ବାଙ୍କୀ, ୬।୪(ସମିସ): ବାଙ୍କୀ ଥାନା ପରିସରରେ ଥିବା ୧୨ଟି ଗଛରେ ହଜାର ହଜାର ସଂଖ୍ୟାରେ ବାଦୁଡ଼ି ଦୀର୍ଘଦିନ ହେଲା ରହି ଆସୁଛନ୍ତି। ତେବେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ବାଦୁଡ଼ି ଗଛରେ ପାଣି ବିନା ଛଟପଟ ହେଉଥିବାବେଳେ ଦେଖିବାକୁ ମିଳୁଛି। ଆମ୍ବ, ଫାଶୀ, ତାଳ, ଜାମୁ, କୋଚିଲା, ଦେବଦାରୁ ଆଦି ଗଛରେ ବହୁ କାଳରୁ ହଜାର ହଜାର ସଂଖ୍ୟାରେ ବାଦୁଡି ରହିଆସୁଛନ୍ତି। ଅତ୍ୟଧିକ ତାତି ସହି ନପାରି ବାଦୁଡିମାନେ ନିକଟସ୍ଥ ଉପକାରାଗାରରେ ଥିବା ବିଭିନ୍ନ ଗଛର ଛାଇ ଦେଖି ଆଶ୍ରୟ ନେଉଛନ୍ତି। ଏହି ପରିପ୍ରେକ୍ଷୀରେ ବାଙ୍କୀ ପରିବେଶ ସୁରକ୍ଷା ସମିତିର ଆବାହକ ପ୍ରକୃତି ବନ୍ଧୁ ଦୀପକ କୁମାର ସାମନ୍ତରା ଓ ପ୍ରାଣୀବିଜ୍ଞାନୀ ପ୍ରକୃତି ବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କ ସହାୟତାରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ସୋନାଲିକା ସାହୁ, ସୌମ୍ୟରଞ୍ଜନ ମନ୍ତ୍ରୀ, ତମନ୍ନା ତନୁଶ୍ରୀ ମହାନ୍ତି, ସୁଶ୍ରୀ ସଙ୍ଗୀତା ସାହୁ ଓ ସୂର୍ଯ୍ୟକାନ୍ତ ସାହୁ ପ୍ରମୁଖ ସେଠାକୁ ଯାଇ ବାଦୁଡ଼ିମାନଙ୍କର ଗତିବିଧି, ପ୍ରଚଣ୍ଡ ରୌଦ୍ର ତାପରୁ କିପରି ରକ୍ଷା ହୋଇପାରିବ ସେ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ବିଶେଷ କରି ବାଦୁଡ଼ିମାନଙ୍କ ଉପରେ ପାଣି ସିଞ୍ଚନ କରିବା ସହିତ ନିକଟସ୍ଥ ଶବବ୍ୟବଚ୍ଛେଦ ଗୃହ ନିକଟସ୍ଥ କଇଁଆ ଗଛଠାରେ ଜଳକୁଣ୍ଡ ରଖାଗଲେ ନିଶ୍ଚିତ ଅଂଶୁଘାତ ଜନିତ ମୃତ୍ୟୁ ମୁଖରୁ ରକ୍ଷା ପାଇବେ ବୋଲି ପରିବେଶ ସମିତି ତରଫରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗକୁ ଅନୁରୋଧ କରାଯାଇଛି।

### ଗ୍ରୀଷ୍ମ ପ୍ରବାହ ଜାରି: ବଦଳିଲା ଶିକ୍ଷାନୁଷ୍ଠାନ ସମୟ
## ସାଢ଼େ ୬ ରେ ଖୋଲିବ, ସାଢ଼େ ୧୦ରେ ଛୁଟି

କଟକ, ୬।୪(ସମିସ): ସହରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହଛି। ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ବାହାରକୁ ବାହାରିବା କଷ୍ଟକର ହୋଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। କଟକ ଜିଲ୍ଲାରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ ଓ ବିଦ୍ୟାଳୟ ଗୁଡ଼ିକର ସମୟ ପରିବର୍ତ୍ତନ କରାଯାଇଛି। ସକାଳ ୭.୩୦ ପରିବର୍ତ୍ତେ ୬.୩୦ ରେ ସ୍କୁଲ ଖୋଲିବ ଓ ୧୧.୩୦ ପରିବର୍ତ୍ତେ ୧୦.୩୦ ରେ ସ୍କୁଲ ଛୁଟି ହେବ। ଏଥିସହିତ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକ ରେ ଛାତ୍ର ଛାତ୍ରୀ ମାନଙ୍କର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ପାନୀୟ ଜଳ ଓ ଓଆର୍‌ଏସ୍ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲ୍ ୮ ତାରିଖ ଅର୍ଥାତ୍ ସୋମବାର ଠାରୁ ଏହାକୁ କଡାକଡି ପାଳନ କରିବାକୁ କଟକ ଜିଲ୍ଲାପାଳ ଅରିନ୍ଦମ ଡାକୁଆ ନିର୍ଦ୍ଦେଶ ଦେଇଛନ୍ତି।

### ସାଂସଦଙ୍କୁ ଭେଟିଲେ ବିଧାୟକ ପ୍ରାର୍ଥୀ
## ଦେବାଶିଷ ଓ ପ୍ରକାଶଙ୍କ ମଧ୍ୟରେ ଆଲୋଚନା



କଟକ, ୬।୪(ସମିସ): ବାରବାଟି କଟକ ବିଧାନସଭା ଆସନ ପାଇଁ ବିଜୁ ଜନତା ଦଳରୁ ପ୍ରକାଶ ଚନ୍ଦ୍ର ବେହେରା ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ଦଳ ପକ୍ଷରୁ ଏହା ଘୋଷଣା କରାଯିବା ପରେ ଆଜି ପ୍ରକାଶ ଚନ୍ଦ୍ର ବେହେରା କଟକ ଜିଲ୍ଲା ବିଜେଡି ସଭାପତି ତଥା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ତାଙ୍କର ରାଜା ବଗିଚା ସ୍ଥିତ ବାସ ଭବନରେ ଭେଟିଛନ୍ତି। ଏଥିସହିତ ବାରବାଟୀ-କଟକର ବହୁ ବିଜେଡି କର୍ମୀଙ୍କୁ ଭେଟିଥିଲେ। କେଉଁଭଳି ଭାବରେ ଆଗକୁ ନିର୍ବାଚନରେ ଭୋଟରଙ୍କ ନିକଟତର ହେବେ ସେ ନେଇ ଆଲୋଚନା କରିଥିଲେ। ତାଙ୍କର ଆଶା ରହିଛି ଯେ, ପୂର୍ବତନ ବିଧାୟକ ତଥା ସାଂସଦ ଦେବାଶିଷଙ୍କ ସହଯୋଗରେ ଲଢି ବିଜୟ ହାସଲ କରିବେ। ଅନ୍ୟପକ୍ଷରେ ଚଳିତ ନିର୍ବାଚନରେ କିଭଳି ବହୁଳ ପରିମାଣରେ ବିଜେଡି ବିପୁଳ ସଂଖ୍ୟକ ଭୋଟ ହାସଲ କରିବ ଏବଂ ପ୍ରକାଶଙ୍କୁ ବିଜୟୀ କରାଯିବ ସେଥିପାଇଁ ସମସ୍ତ ସହଯୋଗ କରାଯିବ ବୋଲି ସାଂସଦ ତଥା ଜିଲ୍ଲା ବିଜେଡ଼ି ସଭାପତି ଶ୍ରୀ ସାମନ୍ତରାୟ ପ୍ରକାଶ କରିଥିଲେ।

## ଅନନ୍ତ ଶୟନ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ସାଲେପୁର, ୬।୪(ସମିସ): ପୁରଣ ଗ୍ରାମର ସାନମଠଠାରେ ଅନନ୍ତ ଶୟନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜକ ଓ ବେଦାଚାର୍ଯ୍ୟଙ୍କ ମାଧ୍ୟମରେ ସୂର୍ଯ୍ୟପୂଜା, ଗୋପୂଜା, ଯଜ୍ଞାହୁତି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨ଦିନ ଧରି ଅନୁଷ୍ଠିତ ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ପୁରଣ ତଥା ଆଖପାଖ ଅଞ୍ଚଳର ଭକ୍ତମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ। ମୁଖ୍ୟ କର୍ତ୍ତା ସାଧୁଚରଣ ଗିରି, ରାଜେନ୍ଦ୍ର ଗିରି ଓ କର୍ମକର୍ତ୍ତା ଅଶୋକ କୁମାର ଜେନା, ବିମ୍ବାଧର ଜେନା, ସତ୍ୟବ୍ରତ ବିଶ୍ୱାଳ, ମାଇନି ବିଶ୍ୱାଳ, ଶୁକଦେବ ବେହେରା, ଗୋପୀନାଥ ଜେନା, ସୁରଜ ଶାନ୍ତି, ତନୁଜ ଜେନା, ମନୋଜ ମହାନ୍ତି, ରମେଶ ଚନ୍ଦ୍ର ଦାସ, ଦିନେଶ ଗିରି ପ୍ରମୁଖ ଯୋଗଦେଇ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ପ୍ରତିଦିନ ସନ୍ଧ୍ୟାରେ ଭଜନ ପରିବେଷଣ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଗଞ୍ଜେଇ ଜବତ, ଜଣେ ଗିରଫ



ସାଲେପୁର, ୬।୪(ସମିସ): ଗତକାଲି ସାଲେପୁର ପୁଲିସ ଚଢ଼ଉ କରି ୨କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଜଣେ ଚୋରା ଗଞ୍ଜେଇ ବ୍ୟବସାୟୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସାଲେପୁର ପୁଲିସ ସୂତ୍ରରୁ ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ଲୁଣାହାର ଗ୍ରାମର ସଦାନନ୍ଦ ବେହେରାଙ୍କ ପୁତ୍ର ଗୋଲାପ ଓରଫ ପ୍ରଶାନ୍ତ ବେହେରା ସାଲେପୁର-କେନ୍ଦ୍ରାପଡ଼ା ରାସ୍ତାର ସାଲେପୁର ପୋଷ୍ଟ ଅଫିସ ନିକଟରେ ଏକ ଦୋକାନରେ ଗଞ୍ଜେଇ ରଖି ଚୋରାରେ ବିକ୍ରି କରୁଥିଲେ। ଏହାନେଇ ସାଲେପୁର ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଉକ୍ତ ଦୋକାନ ଉପରେ ଚଢ଼ଉ କରି ୨କେଜି ୮ଶହ ଗ୍ରାମର ଚୋରା ଗଞ୍ଜେଇ ଜବତ କରିବା ସହ ପ୍ରଶାନ୍ତକୁ ଗିରଫ କରିଥିବା ଜଣାଯାଇଛି। ସାଲେପୁର ପୁଲିସ ୧୬୧/୨୦୨୪ରେ ଏକ ମାମଲା ରୁଜୁ କରି ଚୋରା ଗଞ୍ଜେଇ ବ୍ୟବସାୟୀ ପ୍ରଶାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସାଲେପୁର ଆଇଆଇସି ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

## ବାଙ୍କୀ ଡାକ୍ତରଖାନାରେ ଚିକିତ୍ସାଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ବାଙ୍କୀ, ୬।୪(ସମିସ): ଡାକ୍ତର ବନବାସୀ ବେହେରା ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡାକ୍ତର ବେହେରା ଜଣେ ବରିଷ୍ଠ ଶିଶୁ ଚିକିତ୍ସକ। ସେ ଜଣେ ଦକ୍ଷ ପ୍ରଶାସକ ଓ ଚିକିତ୍ସକ ଭାବେ କାର୍ଯ୍ୟକରି ସୁନାମ ଅର୍ଜନ କରିଛନ୍ତି। ଡାକ୍ତର ବେହେରାଙ୍କୁ ଉପଖଣ୍ଡ ଚିକିତ୍ସାଳୟର ସମସ୍ତ ଚିକିତ୍ସକ ଓ କର୍ମଚାରୀ ସ୍ୱାଗତ କରିଛନ୍ତି। ଉପଖଣ୍ଡ ଚିକିତ୍ସାଳୟରେ ଥିବା ସମସ୍ୟା ଗୁଡ଼ିକ ସମାଧାନ କରିବା ପାଇଁ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ବିହିତ ପଦକ୍ଷେପ ନେବେ ବୋଲି କହିବା ସହିତ ଏଥିପାଇଁ ଉପଖଣ୍ଡ ଚିକିତ୍ସାଳୟର ସମସ୍ତ ଡାକ୍ତର ଓ କର୍ମଚାରୀମାନଙ୍କର ସହଯୋଗ ଲୋଡ଼ିଛନ୍ତି।

## ବାଙ୍କୀ ବିଜେପିର ନିର୍ବାଚନୀ ବୈଠକ




ବାଙ୍କୀ, ୬।୪(ସମିସ): ବିଜେପିର ପ୍ରତିଷ୍ଠା ଦିବସ ଅବସରରେ ବାଙ୍କୀ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ତଥା ବିଜେପି ଦଳର ପୂର୍ବତନ ବିଧାୟକ ପ୍ରାର୍ଥୀ ଏବଂ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚାର ସଂଯୋଜକ ଅଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଗୋପାଳପୁର ଠାରେ ଏକ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଥିଲା। ବିଜେପିର ବରିଷ୍ଠ ନେତା ନିତ୍ୟାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। କୃଷକ ମୋର୍ଚ୍ଚାର ଜିଲ୍ଲା ସଭାପତି ଉତ୍କଳମଣି ମନ୍ତ୍ରୀ, ସମାଜସେବୀ ବାଙ୍କନିଧି ସାହୁ, ବାରଙ୍ଗ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଲିନୁ ବେହେରା, ପୁରାତନ କାର୍ଯ୍ୟକର୍ତ୍ତା ଗୋପାଳ ମହାରଣା, ଅନିରୁଦ୍ଧ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ମଦନମୋହନ ରାଉତ, ଚନ୍ଦନ କୁମାର ନାୟକ, ପ୍ରଭାତ ରଣା, ପ୍ରିୟବ୍ରତ ବେହେରା, ପ୍ରମୋଦ ନାୟକ, ସୁରେନ୍ଦ୍ର ବିଶ୍ୱାଳ, ସୁରେଶ କୁମାର ଦାସ, କବିରାଜ ଦାସ, ଦୀନେଶ ଲାଲ୍, ଆଇନଜୀବୀ ସନ୍ତୋଷ ବାରିକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ଜିଲ୍ଲା ସମ୍ପାଦକ ସିଦ୍ଧେଶ୍ୱର ପାଇକରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୩ମାସ ହେଲା କୁଳିଆ ଆର୍‌ଏମ୍‌ସି ହାଟ ବନ୍ଦ
# ବ୍ୟବସାୟୀ, ଚାଷୀ ଓ ଖାଉଟି ହନ୍ତସନ୍ତ

ନିଶ୍ଚିନ୍ତକୋଇଲି, ୬।୪(ସମିସ):



ରାଜ୍ୟ ସରକାର ଚାଷୀମାନଙ୍କୁ ସେମାନଙ୍କର ଉତ୍ପାଦ ବିକ୍ରି କରିବାକୁ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ନିୟନ୍ତ୍ରିତ ବଜାର କମିଟି ଖୋଲିଛନ୍ତି। କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କୁଳିଆ ଆର୍‌ଏମ୍‌ସି ଅଫିସ ନିକଟସ୍ଥ ପଡ଼ିଆ ଠାରେ ଚାଷୀ, ବ୍ୟବସାୟୀ ଓ ଖାଉଟି ମାନଙ୍କର ସୁବିଧା ପାଇଁ ୨୦୨୩ ସେପ୍ଟେମ୍ବର ୪ତାରିଖରେ ଏକ ନୂତନ ହାଟ ଖୋଲାଯାଇଥିଲା। ଏହି ହାଟଟି ମାତ୍ର ୫ମାସ ଚାଲିଥିବାବେଳେ ଗତ ଜାନୁଆରୀରୁ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ନିୟନ୍ତ୍ରିତ ବଜାର କମିଟିର ଉଚ୍ଚ ପଦସ୍ତ ଅଧିକାରୀମାନଙ୍କ ଅବହେଳା କାରଣରୁ ଏହି ହାଟଟି ବନ୍ଦ ହୋଇଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ହାଟଟି ବନ୍ଦ ହୋଇଯିବାରୁ ବ୍ୟବସାୟୀ, ଚାଷୀ ଓ ଖାଉଟି ମହଲରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ସୂଚନା ମୁତାବକ ଏ ଅଞ୍ଚଳରେ ନିଶ୍ଚିନ୍ତକୋଇଲି ହାଟ ଥିବା ବେଳେ ଏହାର ୧୦କିଲୋମିଟର ଦୂରରେ ସାଲେପୁର ହାଟ ରହିଛି। ଏହି ଦୁଇ ହାଟର ମଧ୍ୟ ଭାଗରେ ସମସ୍ତଙ୍କର ସୁବିଧାକୁ ଦୃଷ୍ଟି ଦେଇ ଆର୍‌ଏମ୍‌ସି ପକ୍ଷରୁ ଏକ ହାଟ ପରିଚାଳନା କମିଟି ଗଠନ କରାଯାଇ କୁଳିଆ ପଡ଼ିଆଠାରେ ନୂତନ ହାଟ ଖୋଲାଯାଇଥିଲା। ହାଟ ଖୋଲାଯିବା ପୂର୍ବରୁ ଏକ ସାଧାରଣ ବୈଠକ କରାଯାଇ ସେଥିରେ ଚାଷୀ, ବ୍ୟବସାୟୀ, ଲୋକ ପ୍ରତିନିଧି ଓ ଜନସାଧାରଣ ମାନଙ୍କୁ ଡ଼କାଯାଇ ହାଟର ସୁପରିଚାଳନା ପାଇଁ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଯେହେତୁ ନୂତନ ଭାବେ ହାଟ ଖୋଲାଯିବ ସେଥିପାଇଁ ପ୍ରଥମେ ୩ମାସ ପର୍ଯ୍ୟନ୍ତ ହାଟକୁ ବିଭିନ୍ନ ଦ୍ରବ୍ୟ ବିକ୍ରି କରିବାକୁ ଆସୁଥିବା ଚାଷୀ ଓ ବ୍ୟବସାୟୀମାନଙ୍କୁ ମାଗଣାରେ ହାଟ ଚାଳି, ପାନୀୟଜଳ, ବିଦ୍ୟୁତ୍ ଆଲୋକ ଏବଂ ବିନା ବଟି ଆଦାୟରେ ସମସ୍ତ ସୁବିଧା କରାଯିବା ପାଇଁ ସ୍ଥିର ହୋଇଥିଲା। ଏହି ନିୟମ ଅନୁସାରେ ହାଟ ପରିଚାଳନା ନହେବାରୁ ଶେଷରେ ଏହା ବନ୍ଦ ହୋଇଯାଇଥିଲା। ପ୍ରଥମରୁ ଉକ୍ତ ହାଟଟି ଭଲ ଭାବରେ ଚାଲିଥିବା ବେଳେ ୮୫ରୁ ଉର୍ଦ୍ଧ୍ୱ ବିଭିନ୍ନ ବ୍ୟବସାୟୀ ଏବଂ ବହୁ ଚାଷୀ ହାଟକୁ ବିକ୍ରିବଟା କରିବାକୁ ଆସୁଥିଲେ। ଦିନକୁ ଦିନ ହାଟ ବଢ଼ିବାକୁ ଲାଗିଥିବା ବେଳେ ଦାୟିତ୍ୱରେ ଥିବା ଆର୍‌ଏମ୍‌ସିର ସମ୍ପାଦକ ଓ ଉପଜିଲ୍ଲାପାଳଙ୍କ କଠୋର ମନବୃତ୍ତି ପାଇଁ ଏହାର ଅବସ୍ଥା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଲା। ଏହି ଅଧିକାରୀଙ୍କ ନିର୍ଦ୍ଦେଶରେ ଚାଷୀ ଓ ବ୍ୟବସାୟୀଙ୍କୁ ମଧ୍ୟାହ୍ନ ଭୋଜନ ଦେବା ବନ୍ଦ କରାଯିବା ସହିତ ବ୍ୟବସାୟୀ ଓ ଚାଷୀମାନଙ୍କ ଠାରୁ ୧୦ଟଙ୍କା ଲେଖାଏଁ ବଟି ଆଦାୟ କରିବା ପାଇଁ କୁହାଗଲା। ଫଳରେ ବହୁ ବ୍ୟବସାୟୀ ଓ ଚାଷୀମାନେ ହାଟକୁ ଆସି ଭୋକ ଉପାସରେ ରହି ଜିନିଷପତ୍ର ବିକ୍ରି କରିବା ଓ ୧୦ଟଙ୍କା ଲେଖା ବଟି ଦେବା ସମ୍ଭବପର ନହେବାରୁ କ୍ରମଶଃ ଚାଷୀ ଓ ବ୍ୟବସାୟୀ ମାନେ ହାଟକୁ ଆସିବା କମିଗଲା। ଯାହାଦ୍ୱାରା ଭଲ ଜିନିଷ ନମିଳିବାରୁ ଖାଉଟି ସଂଖ୍ୟା ମଧ୍ୟ କମିବାକୁ ଲାଗିଲା। ଯାହାଦ୍ୱାରା ଜାନୁଆରୀ ଠାରୁ ହାଟ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ଦେଖାଯାଇଛି। ଯେତିକି ଦିନ ହାଟ ଚାଲିଥିଲା ସେଥିରେ ଆର୍‌ଏମ୍‌ସିର ହାରାହାରି ୫୦ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ହାଟ ଦାୟିତ୍ୱରେ ଥିବା ଭଗବାନ ଦାସ ପ୍ରକାଶ କରିଛନ୍ତି। ଚାଷୀ ଓ ବ୍ୟବସାୟୀ ମାନଙ୍କ ଠାରୁ ବିଭିନ୍ନ ଚାଷ ଉତ୍ପାଦିତ ଦ୍ରବ୍ୟ ବିକ୍ରି କଲାବେଳେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଶୁଳ୍କ ଆଦାୟ କରାଯାଉଥିଲା ବେଳେ କଣ ପାଇଁ ଉକ୍ତ ହାଟ ପରିଚାଳନା ନିମନ୍ତେ ଅର୍ଥ ଖର୍ଚ୍ଚ କରିବାକୁ ଅଧିକାରୀ ମାନେ ବାରଣ କଲେ ସେ ନେଇ ଜନପ୍ରତିନିଧି ଓ ଚାଷୀ ମହଲରେ ପ୍ରଶ୍ନ ଉଠିଛି। ଏହି ହାଟ ବନ୍ଦ ପଛରେ କି ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଦାବି ହୋଇଛି। ଏ ସଂକ୍ରାନ୍ତରେ ଅଧିକାରୀ ମାନଙ୍କ ଠାରୁ ମତାମତ ନେବା ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇନାହିଁ।

# ପ୍ରଶାନ୍ତଙ୍କୁ ଟାଙ୍ଗୀ ଅଞ୍ଚଳରେ ସ୍ୱାଗତ



ଟାଙ୍ଗୀ, ୬।୪(ସମିସ): କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ଅଧୀନସ୍ଥ ସାଲେପୁର ଆସନରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ନାମ ଘୋଷଣା ପରେ ଶନିବାର ଟାଙ୍ଗୀ ବିଜେଡି ପକ୍ଷରୁ ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପୂର୍ବାହ୍ନରେ ଶ୍ରୀ ବେହେରା ଗରୁଡ଼ଗାଁ ପଞ୍ଚାୟତ ସପନପୁରସ୍ଥିତ ମହିମା ପୀଠରେ ପହଞ୍ଚି ସାଧୁସନ୍ଥଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସନ୍ଧ୍ୟାରେ କୋଟସାହି ପଞ୍ଚାୟତ ଟାଙ୍ଗୀର ପହଞ୍ଚି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଅଞ୍ଚଳର ଆରାଧ୍ୟ ମା' ହାଟଚଉରା, ଶ୍ରୀଶ୍ରୀ ମଦନମୋହନଜିଉ ଓ ମା' ବଢ଼େଇ ଦୁର୍ଗାଙ୍କ ପୀଠରେ ଉପସ୍ଥିତ ହୋଇ ବିଭୁକୃପା ଲାଭ କରିଥିଲେ। ପଞ୍ଚାୟତ ବିଜେଡି ସଭାପତି ବାବାଜି ଚରଣ ମହାନ୍ତିଙ୍କ ପୌରୋହିତ୍ୟରେ ଶ୍ରୀ ବେହେରା ଟାଙ୍ଗୀ ବଜାର ପରିକ୍ରମା କରିଥିବାବେଳେ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର କୁମାର ଯେଠୀ, ବିଜେଡି ସଂଗଠକ ନରେନ୍ଦ୍ର ରାଉତରାୟ, ସୁବୋଧ କୁମାର ସାମଲ, ଜନ୍ମେଜୟ ଖିଲାର, ଆଲା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଭଟିମୁଣ୍ଡା ସରପଞ୍ଚ ତାପସୀ କୁମାର ସାହୁ, ବରିଷ୍ଠ ନାଗରିକ ସୁକୁମାର ମହାରଣା, ଲକ୍ଷ୍ମୀ ନାରାୟଣ ଦାସ, କୃଷ୍ଣଚନ୍ଦ୍ର ସାହୁ, ଶୁଭେନ୍ଦ୍ରନାଥ ଷଡ଼ଙ୍ଗୀ, ଯୁବନେତା ପରମଜିତ ମହାନ୍ତି, ସାଗର କର, ଗୋପାଳ ଲେଙ୍କା ଓ ସଞ୍ଜୟ ବେହେରା ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।ଅନ୍ୟପକ୍ଷରେ କୋଟସାହି ପଞ୍ଚାୟତ ବରିଷ୍ଠ ନାଗରିକ ସଂଘ, ମିଶନ ଶକ୍ତି ସଂଘ ଓ ଯୁବ ଜନତା ଦଳ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମହିଳା ନେତ୍ରୀ ଅନୁରାଧା ନାୟକ ଓ ଦେବକୀ ନାଥଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

### ୪୨ ମୌଜାରେ ସଂତୃପ୍ତ ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

# 'ସମସ୍ତଙ୍କ ସୁଖ ଦୁଃଖରେ ସାମିଲ ହେବି'

କଟକ, ୬।୪(ସମିସ)



କଟକ ସଦର ନିର୍ବାଚନ ମଣ୍ଡଳୀ

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବା ସହ ବିଜୁ ଜନତା ଦଳ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଶେଷ କରି କଟକ ଲୋକସଭା ଆସନ ପାଇଁ ପ୍ରାର୍ଥୀ ହୋଇଥିବା ଡ. ସଂତୃପ୍ତ ମିଶ୍ର ସୁଚିନ୍ତିତ ଓ ବ୍ୟବସ୍ଥିତ ଢଙ୍ଗରେ ତାଙ୍କ ଲୋକସମ୍ପର୍କ ଅଭିଯାନ ଆରମ୍ଭ କରିଦେଇଛନ୍ତି। ଏହି କ୍ରମରେ କଟକ ସଦର ନିର୍ବାଚନୀ ମଣ୍ଡଳୀର ୪୨ମୌଜା ଠାରେ ଏକ ବିରାଟ ଲୋକ ସମ୍ପର୍କ ଓ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଖାନନଗର ପଞ୍ଚମୁଖୀ ହନୁମାନ ମନ୍ଦିର ଠାରୁ ସଦର ବିଧାୟକ ପ୍ରାର୍ଥୀ ଚନ୍ଦ୍ର ସାରଥୀ ବେହେରା ଓ ସାଂସଦ ପ୍ରାର୍ଥୀ ଡ ମିଶ୍ରଙ୍କୁ ଏକ ବାଇକ୍ ରାଲିରେ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ସଭା ସ୍ଥଳକୁ ପାଛୋଟି ଆଣିଥିଲେ। ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ୱାଗତ ସମ୍ବର୍ଦ୍ଧନା ସଭାରେ କଟକ ଜିଲ୍ଲା ବିଜେଡି ସଭାପତି ତଥା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, କଟକ ଅର୍ବାନ ବ୍ୟାଙ୍କର ସଭାପତି ପ୍ରଫୁଲ୍ଲ ମହାପାତ୍ର, ସଂସଦୀୟ ନିର୍ବାଚନ ମଣ୍ଡଳୀର ଅବଜରଭର ଡ. ଶୋଭନ ମହାନ୍ତି ପ୍ରମୁଖ ମଞ୍ଚାସୀନ ହୋଇ ପୁଣି ଥରେ ବିଜେଡିକୁ କ୍ଷମତାସୀନ କରାଇବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିବା ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ସାଂସଦ ପ୍ରାର୍ଥୀ ଡ ସମ୍ପୃକ୍ତ ମିଶ୍ର କହିଥିଲେ, ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳକୁ ଭୋଟ ଦେଇ ୬ଷ୍ଠ ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ଆସିନ କରିବା ପାଇଁ ଅନୁରୋଧ କରିବା ସହ ଭବିଷ୍ୟତରେ ପ୍ରତି ୩ ମାସରେ ଥରେ ସଦର ନିର୍ବାଚନୀ ମଣ୍ଡଳୀକୁ ଗସ୍ତ କରି ସମସ୍ତଙ୍କ ସୁଖ ଦୁଃଖରେ ସାମିଲ ହେବେ ବୋଲି କହିଥିଲେ।

ଅତ୍ୟନ୍ତ ଭାବବିହ୍ୱଳ ହୋଇ କଟକ ସହରରେ ପିଲାବେଳ ଓ ଯୁବକ ଅବସ୍ଥାରେ ପାଠ ପଢ଼ିବା ସହ ସାଇକେଲରେ କଟକ ସହର ବୁଲୁଥିବା ବେଳେ ଏବେ କଟକର ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ସୁଯୋଗ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ସାଂସଦ ପ୍ରାର୍ଥୀ ଡ ମିଶ୍ରଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ସଭାରେ ସଦର ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମହାର୍ଥା, ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଜିଲ୍ଲା ଉପସଭାପତି ସମର ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ା, ବ୍ଲକ ଯୁବ ବିଜେଡି ସଭାପତି ହିମାଂଶୁ ଦାସ, ବ୍ଲକ ମିଶନ ଶକ୍ତି ସଂଯୋଜକ ଶରତ କୁମାର ରାୟ, ବରିଷ୍ଠ ନେତା ବିଦ୍ୟାଧର ପାତ୍ର, ଯୁବନେତା ଅଜୟ ଦଳାଇ, ଯୁବନେତା ମନୋରଞ୍ଜନ ମହାପାତ୍ର, ୪୨ମୌଜା ଅନ୍ତର୍ଗତ ୬ ଗୋଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟ/ ସଭ୍ୟା ସହଯୋଗ କରିଥିବା ବେଳେ ବହୁ ସଂଖ୍ୟକ ମହିଳା ଓ ଜନସାଧାରଣ ଉପସ୍ଥିତ ଥିଲେ।

### ■ ମହାନଗର ଶାନ୍ତି କମିଟି ପକ୍ଷରୁ ବାସନ୍ତୀ ପୂଜା ପ୍ରସ୍ତୁତି ବୈଠକ

# ୧୪ରୁ ବାସନ୍ତୀ ଦୁର୍ଗାପୂଜା: ୧୮ ଓ ୧୯ରେ ଭସାଣି

କଟକ, ୬।୪(ସମିସ): ବଣିଆସାହି ପୂଜା କମିଟି ନିମନ୍ତ୍ରଣ କ୍ରମେ ମଙ୍ଗଳାବାଗସ୍ଥିତ ମୋହନ ମଣ୍ଡପଠାରେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଚଳିତ ବର୍ଷର ବାସନ୍ତୀ ଦୁର୍ଗାପୂଜା ଓ ଭସାଣୀ ଉତ୍ସବକୁ ସଫଳ କରିବାକୁ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ବଣିଆସାହି ପୂଜା କମିଟି ସଭାପତି ଶିବେନ୍ଦ୍ର ହାତୀ ସ୍ୱାଗତ ଭାଷଣ ଦେଇଥିଲେ। ଉପସ୍ଥିତ ଅତିଥି ଏବଂ ପଦାଧିକାରୀମାନଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ ଚଳିତ ବର୍ଷ ଦୋଳ ଉତ୍ସବକୁ ମହାସମାରୋହରେ ସମାପନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏପ୍ରିଲ ୧୪ରୁ ବାସନ୍ତୀ ଦୁର୍ଗାପୂଜା ଆରମ୍ଭ ହୋଇ ୧୮ ଓ ୧୯ ଦୁଇ ଦିନ ଧରି ଭଷାଣୀ ଉତ୍ସବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ମୂର୍ତ୍ତି ବିସର୍ଜନ ନିମନ୍ତେ କଟକ ମହାନଗର ନିଗମ ପକ୍ଷରୁ ଦୁଇଟି ଜଳପୂର୍ଣ୍ଣ କୃତ୍ରିମ ପୋଖରୀ ପ୍ରସ୍ତୁତ କରିବା ସହ ସମ୍ପୂର୍ଣ୍ଣ ଦେବୀଗଡ଼ା ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରିବା ସଙ୍ଗେ ସଙ୍ଗେ ସମଗ୍ର ଅଞ୍ଚଳଟିକୁ ଆଲୋକୀକରଣ କରିବାକୁ ନିବେଦନ କରାଯାଇଥିଲା। ୨ ଦିନ ଭଷାଣୀ ଶୋଭାଯାତ୍ରା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ଅନୁରୋଧ କରାଯାଇଥିଲା। ୧୫ ତାରିଖ ସନ୍ଧ୍ୟାରେ ଶାନ୍ତି କମିଟିର କର୍ମକର୍ତ୍ତାମାନେ ଦରଘାବଜାର, ସୁତାହାଟ, ମାଛୁଆବଜାର, ମଙ୍ଗଳାବାଗ, ରାଣୀହାଟ ବଜାର, ରାଣୀହାଟ, ଷ୍ଟେସନବଜାର, ଶିଖରପୁର ଓ ସର୍ବୋଦୟପୁର (ଛତ୍ରଗଡ଼ା) ମଣ୍ଡପ ପରିଦର୍ଶନ ଏବଂ ୧୬ରେ ଚୌଧୁରୀବଜାର, ବଙ୍ଗାଳୀ ସାହି, ଉପର ତେଲେଙ୍ଗାବଜାର, ମା' ବୈଷ୍ଣବଦେବୀ, ବିନୋଦବିହାରୀ, ଭଗତ ଟ୍ରଷ୍ଟ (ବାଲୁବଜାର), ଚାନ୍ଦିନୀଚୌକ ଓ ବିଡାନାସୀ ବାସନ୍ତୀ ଦୁର୍ଗା ମଣ୍ଡପ ପରିଦର୍ଶନ କରିବେ ବୋଲି ସଭାରେ ସ୍ଥିର କରାଯାଇଥିଲା। ଏହି ସଭାରେ କାର୍ଯ୍ୟକାରୀ ସଭାପତି ପ୍ରଦୀପ ସିହ୍ନା, ସଂଗଠନ ସମ୍ପାଦକ ନରେଶଚନ୍ଦ୍ର ସାହୁ, ଉପସଭାପତି ଦେବେନ୍ଦ୍ର କାହାଲୀ ଓ ବିଭିନ୍ନ ବାସନ୍ତୀ ଦୁର୍ଗା ମଣ୍ଡପର କର୍ମକର୍ତ୍ତା ସର୍ବଶ୍ରୀ ନୃସିଂହଚରଣ ଚୌଧୁରୀ, ପୃଥ୍ୱିରାଜ ସାହୁ, ପୂର୍ଣ୍ଣଚନ୍ଦ୍ର ସିଂହ, ବାମନଚରଣ ଆଚାର୍ଯ୍ୟ, ରମେଶଚନ୍ଦ୍ର ବେହେରା, ସିଦ୍ଧାର୍ଥ ଦାସ, ପ୍ରଫୁଲ୍ଲ ବେହେରା, ସୁବାଶିଷ କର, ପ୍ରଭାକର ଶାସମଲ, ମନୋରଞ୍ଜନ ସାହୁ, ନଳିନୀକାନ୍ତ ସେନାପତି ଓ ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କମିଟିର ସହସମ୍ପାଦକ ଡ଼. ଦ୍ୱିପାୟନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ମହିଳା ସବଇନ୍ସପେକ୍ଟରଙ୍କୁ ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ ଗିରଫ

କଟକ, ୬।୪(ସମିସ)

**ଏନ୍‌ବିଡବ୍ଲ୍ୟୁରେ ଗିରଫ କରିବାକୁ ଯାଇଥିବା ବେଳେ ଆକ୍ରମଣର ଶିକାର**



ସାଧାରଣ ନିର୍ବାଚନ ପାଇଁ ଏବେ କଟକ ଯୁପିଡି ପକ୍ଷରୁ ଏନ୍‌ବିଡବ୍ଲ୍ୟୁ ଗିରଫଦାରୀ ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ଏକ ଜାମିନ୍‌ବିହୀନ ଗିରଫ ଫରୱାନାକୁ ନେଇ ଯାଇଥିବା ପୁରୀଘାଟ ଥାନାର ଜଣେ ମହିଳା ସବ୍‌ଇନ୍ସପେକ୍ଟର ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଏହି ଘଟଣାରେ ପୁଲିସ ଉର୍ମିଳା ଜେନାକୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜୋନ୍ ଏସିପି ସ୍ୱସ୍ତିକ ପଣ୍ଡା ସୂଚନା ଦେଇଛନ୍ତି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜେଏମଏଫସି(କଟକ ସିଟି)ଙ୍କ ପକ୍ଷରୁ ଉର୍ମିଳାଙ୍କ ବିରୋଧରେ ଏକ ଜାମିନ୍ ବିହୀନ ଗିରଫ ଫରୱାନା ଜାରି କରାଯାଇଥିଲା। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ପୁରୀଘାଟ ଥାନାକୁ ନିର୍ଦ୍ଦେଶ ମିଳିଥିଲା। ତଦ୍‌ନୁଯାୟୀ ଆଜି ଅପରାହ୍ଣରେ ଥାନା ଅଧିକାରୀ ଯତୀନ୍ଦ୍ରକୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ମହିଳା ସବ୍‌ଇନ୍ସପେକ୍ଟର ସୌମ୍ୟାଶ୍ରୀ ନାୟକ ୩ଜଣ କର୍ମଚାରୀଙ୍କୁ ନେଇ ଝୋଲାସାହିସ୍ଥିତ ଉର୍ମିଳାଙ୍କ ଘରେ ପହଞ୍ଚିଥିଲେ। ତାଙ୍କ ନାମରେ ଜାମିନ୍ ବିହୀନ ଫରୱାନା ରହିଛି, ତେଣୁ ତାଙ୍କୁ ଥାନାକୁ ଆସିବାକୁ କହିଥିଲେ। ପୁଲିସ କଥା ନଶୁଣି ସେ କୌଶଳକ୍ରମେ ବାରି ପଛପଟ ରାସ୍ତାଦେଇ ଖସିଯିବାକୁ ଉଦ୍ୟମ କରୁଥିଲେ। ସୌମ୍ୟାଶ୍ରୀ ଏହା ଜାଣିପାରି ତାକୁ ଗୋଡାଇ ଥିଲେ। ଫଳରେ ଉର୍ମିଳା ଅନ୍ୟ ଉପାୟ ନ ପାଇ ପାଖରେ ପଡ଼ିଥିବା ଏକ ଇଟାଖଣ୍ଡକୁ ଉଠାଇ ସୌମ୍ୟାଶ୍ରୀଙ୍କ ମୁଣ୍ଡ ଓ ହାତକୁ ଏକାଧିକ ଥର ଛେଚି ଦେଇଥିଲେ। ଆକ୍ରମଣରେ ସୌମ୍ୟାଶ୍ରୀ ରକ୍ତାକ୍ତ ହୋଇଯିବା ସତ୍ତ୍ୱେ ତାକୁ ନ ଛାଡିବାରୁ ସେ ତାଙ୍କ ହାତକୁ କାମୁଡି ଦେବା ସହିତ ପେଟକୁ ଦୁଇଥର ଶକ୍ତ ଗୋଇଠା ପକାଇଥିଲା। ସୌମ୍ୟାଶ୍ରୀ ତଳେ ପଡ଼ିଯିବାରୁ ଉର୍ମିଳା ଖସିଯିବାକୁ ଚେଷ୍ଟା କରିବା ସମୟରେ ଅନ୍ୟ ମହିଳା ପୁଲିସ କର୍ମଚାରୀମାନେ ତାକୁ କାବୁ କରିନେଇଥିଲେ। ଏହାପରେ ତାଙ୍କୁ ଥାନାକୁ ଅଣାଯାଇଥିଲା। ଗିରଫ ଫରୱାନା ସହିତ କାର୍ଯ୍ୟରତ ପୁଲିସ କର୍ମଚାରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିବା ନେଇ ବିଭିନ୍ନ ଦଫାରେ ମୋକଦ୍ଦମା ରୁଜୁ କରାଯାଇ ଉର୍ମିଳାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ତାଙ୍କ ନାମରେ ପୂର୍ବରୁ ପୁରୀଘାଟ ଥାନାରେ ୬ଟି, ମଙ୍ଗଳାବାଗ, ବାଦାମବାଡ଼ି ଓ ମହିଳା ଥାନାରେ ଗୋଟିଏ ଲେଖାଏ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି। ଅନ୍ୟପକ୍ଷରେ ଆକ୍ରମଣରେ ସୌମ୍ୟାଶ୍ରୀ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଏସିପି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

# ତୈଳ ଟ୍ୟାଙ୍କର ସହ ଡ୍ରାଇଭର ଅପହରଣ ଘଟଣାରେ ଜଣେ ଗିରଫ

ମାହାଙ୍ଗା, ୬।୪ (ସମିସ)

ମାହାଙ୍ଗା ଥାନା ଚଣ୍ଡିଖୋଲ-ପରାଦୀପ ଜାତୀୟ ରାଜପଥ କଉଡ଼କୋଲ ଠାରେ ଏକ ଅଶୋଧିତ ୧୪ ଚକିଆ ତୈଳ ଟ୍ୟାଙ୍କର ସହ ଡ୍ରାଇଭରକୁ ୪ ଜଣ ଦୁର୍ବୃତ୍ତ ଅପହରଣ କରି ଟ୍ୟାଙ୍କର ମାଲିକକୁ ୧୦ ଲକ୍ଷ ଟଙ୍କା ମୁଣ୍ଡ ଜାମିନ୍ ଦାବି କରିଥିଲେ। ମହାରାଷ୍ଟ୍ରର ଅହମଦାବାଦ୍ ଠାରୁ ପାରାଦୀପକୁ ୩୫ ହଜାର ଲିଟର ଅଶୋଧିତ ତୈଳ ପରିବହନ କରାଯାଉଥିଲା। ତେବେ ରାତ୍ରିରେ ଚଣ୍ଡିଖୋଲ-ପାରାଦୀପ ଅଭିମୁଖେ ଯାଉଥିବା ସମୟରେ ୪ ଜଣ ଦୁର୍ବୃତ୍ତ ଏକ ବୋଲେରୋ ଏବଂ ବୁଲେଟରେ ଆସି ଏହି ଟ୍ୟାଙ୍କରକୁ ଅଟକାଇବା ସହ ଅପହରଣ କରିଥିଲେ। ଏହାପରେ ଦୁର୍ବୃତ୍ତମାନେ ଡ୍ରାଇଭ ରୂପ ସିଂହଙ୍କୁ ମାଡ଼ ମାରି ମାଲିକଙ୍କୁ ୧୦ ଲକ୍ଷ ଟଙ୍କା ଦେଲେ ଡ୍ରାଇଭର ଏବଂ ଗାଡିକୁ ଛାଡ଼ିବୁ ବୋଲି ଧମକ ଦେଇଥିଲେ। ମାଲିକ ଏହି ସର୍ତ୍ତରେ ୧୦ ଲକ୍ଷ ଟଙ୍କା ଦେବା ନିମନ୍ତେ ଦୁର୍ବୃତ୍ତ ମାନଙ୍କୁ ଆକାଉଣ୍ଟ ନମ୍ବର ମାଗିଥିଲେ। ତିନି ଦିନ ପରେ ଗାଡ଼ି ମାଲିକ ଟଙ୍କା ପଠାଇନଥିଲେ। ଟଙ୍କା ନମିଳିବାରୁ ଦୁର୍ବୃତ୍ତମାନେ ଟ୍ୟାଙ୍କର ଓ ଡ୍ରାଇଭରକୁ ଅନ୍ୟତ୍ର ନେଉଥିବା ସମୟରେ ଜିପିଏସ୍ ଟ୍ରାକିଂ ମାଧ୍ୟମରେ ଗାଡିଟି ମାହାଙ୍ଗା ଥାନା କଉଡ଼କୋଲ ପେଟ୍ରୋଲପମ୍ପ ନିକଟରେ ଥିବା ଜାଣିବାକୁ ପାଇଥିଲେ। ମାଲିକ ତୁରନ୍ତ ମାହାଙ୍ଗା ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିବା ସହ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଖବର



ପାଇଲା ପରେ ମାହାଙ୍ଗା ଆଇଆଇସି ବିଜୟ କୁମାର ମଲିକଙ୍କ ନେତୃତ୍ୱରେ ଏକ ଟିମ୍ ସହ ଚଢ଼ଉ କରି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ୪ ଜଣ ଖସି ପଳାଉଥିବା ସମୟରେ ମାହାଙ୍ଗା ପୁଲିସ ଜଣଙ୍କୁ ଧରିପାରିଥିଲେ। ଏ ନେଇ ୧୩୯/୨୪ ରେ ଏକ ମାମଲା ରୁଜୁ ହୋଇଛି। ଚଢ଼ଉରେ ସବ୍‌ଇନ୍ସପେକ୍ଟର ଇସ୍ମିତା ପ୍ରିୟଦର୍ଶିନୀ, ଏସ୍‌ଆଇ ରାଜେଶ କୁମାର ଖୁଣ୍ଟିଆ, ଏସ୍‌ଆଇ ଭୀଷ୍ମ ପ୍ରଧାନଙ୍କ ସମେତ ଏକ ଟିମ୍ ସାମିଲ ଥିଲେ।

**ସରକାରୀ ଡାକ୍ତରଙ୍କ ପ୍ରାଇଭେଟ୍ ପ୍ରାକ୍ଟିସ୍‌କୁ ବିରୋଧ କରି ମାମଲା**

# ହାଇକୋର୍ଟଙ୍କ ଜବାବ ତଲବ

କଟକ, ୬।୪(ସମିସ)

ରାଜ୍ୟର ବିଭିନ୍ନ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଥିବା ଡାକ୍ତରମାନେ ପ୍ରାଇଭେଟ୍ ପ୍ରାକ୍ଟିସ୍ ବା ଘରୋଇ କ୍ଲିନିକ୍ ଓ ହସ୍‌ପିଟାଲରେ ଚିକିତ୍ସା କରିବାକୁ ବିରୋଧ କରି ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିବା ସହ ଜବାବ ତଲବ କରିଛନ୍ତି ହାଇକୋର୍ଟ। ଆଇନଜୀବୀ ନାରାୟଣ ଚନ୍ଦ୍ର ଜେନାଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ୪ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଏସ୍‌ସିବି ମେଡିକାଲ ସମେତ ବିଭିନ୍ନ ସ୍ଥାନରେ ଥିବା ସରକାରୀ ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ବାହାର ଘରୋଇ ହସ୍‌ପିଟାଲକୁ ରେଫର କରିଦିଆଯାଉଛି। ଏପରିକି ସରକାରୀ ଡାକ୍ତରମାନେ ମଧ୍ୟ ଏହି ସବୁ ଘରୋଇ ହସ୍‌ପିଟାଲରେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ଏହା ଦ୍ୱାରା ସାଧାରଣ ରୋଗୀ ଶୋଷଣର ଶିକାର ହେଉଛି। ସରକାର ବିଭିନ୍ନ ହସ୍‌ପିଟାଲର ଭିତ୍ତିଭୂମି ସୁଦୃଢ଼ କରିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଡାକ୍ତରମାନେ ବି ମୋଟା ଅଙ୍କର ଦରମା ପାଉଛନ୍ତି। ହେଲେ ସେମାନେ ସରକାରୀ ଡାକ୍ତରଖାନାର କାର୍ଯ୍ୟ ନିର୍ଘଣ୍ଟ ସମୟରେ ବି ଘରୋଇ ଡାକ୍ତରଖାନା ଯାଇ ରୋଗୀ ଚିକିତ୍ସା ଚଳାଉଥିବା ଅଭିଯୋଗ ହେଉଛି। କେତେକ ରାଜ୍ୟରେ ଏହାକୁ ବାରଣ କରାଯାଇଥିବା ଆବେଦନରେ ଦର୍ଶାଯାଇଛି। ଏଣୁ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ଆବେଦନକାରୀ ପକ୍ଷଭୁକ୍ତ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ' ୬ତାରିଖକୁ ଧାର୍ଯ୍ୟ ହୋଇଛି।



### ■ ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ସଂଶୋଧିତ ଚୂଡ଼ାନ୍ତ ପେନସନ ଓ ବକେୟା ପ୍ରଦାନ ପ୍ରସଙ୍ଗ

# ହାଇକୋର୍ଟରେ ହାଜର ହେଲେ ଉଚ୍ଚଶିକ୍ଷା ଉପନିର୍ଦ୍ଦେଶକ

କଟକ, ୬।୪(ସମିସ)

ଜଣେ ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକଙ୍କୁ ସଂଶୋଧିତ ବେତନ ସହ ଚୂଡାନ୍ତ ପେନସନ୍ ଓ ବକେୟା ପ୍ରାପ୍ୟ ପ୍ରଦାନ କରାଯାଇନଥିବା ପ୍ରସଙ୍ଗରେ ରୁଜୁ ମାମଲାରେ ଉଚ୍ଚଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ପୂର୍ବକ ଆବେଦନକାରୀଙ୍କୁ ଚୂଡାନ୍ତ ପେନସନ ମଞ୍ଜୁର କରାଯାଇଛି ବୋଲି ଉପନିର୍ଦ୍ଦେଶକ ଦର୍ଶାଇଥିଲେ। ତେବେ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏସମ୍ପର୍କିତ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ଉପନିର୍ଦ୍ଦେଶକଙ୍କୁ ବ୍ୟକ୍ତିଗତ ହାଜିରାରୁ ମୁକ୍ତ କରିଛନ୍ତି। ବିଦ୍ୟୁତାନନ୍ଦ ବସ୍ତିଆଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମେ ମାସରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ତ୍ରିଲୋଚନ ବାରିକ ମାମଲା ପରିଚାଳନା କରୁଛନ୍ତି।

ମାମଲାରୁ ପ୍ରକାଶ ଯେ ଇଂରାଜୀ ଅଧ୍ୟାପକ ଭାବେ ଚୌଦ୍ୱାର କଲେଜରେ କାର୍ଯ୍ୟ ଆରମ୍ଭ କରି ଆବେଦନକାରୀ ୨୦୨୦, ଅଗଷ୍ଟ ୩୧ରେ ବୌଦ୍ଧ କଣ୍ଟାମାଳସ୍ଥିତ ପଞ୍ଚାୟତ କଲେଜରୁ ବରିଷ୍ଠ ଅଧ୍ୟାପକ ଭାବେ ଅବସର ଗ୍ରହଣ କରିଥିଲେ। ଆବେଦନକାରୀଙ୍କୁ ପ୍ରାଧ୍ୟାପକ ପଦକୁ ପଦୋନ୍ନତି ପ୍ରସଙ୍ଗରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ପ୍ରସ୍ତାବ ଯାଇଥିଲେ ମଧ୍ୟ ତାଙ୍କୁ ପ୍ରାଧ୍ୟାପକ ପଦୋନ୍ନତି ଓ ସଂଶୋଧିତ ଦରମା ମିଳି ନଥିଲା। ଏପରିକି ସେ ଅବସର ଗ୍ରହଣ କରିବା ପରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କିଛି ସୁଫଳ ମିଳି ନଥିଲା। ଏଣୁ ସେ ହାଇକୋର୍ଟରେ ମାମଲା ଦାୟର କରିଥିଲେ।

୨୦୦୫ରୁ ପ୍ରାଧ୍ୟାପକ ପଦକୁ ପଦୋନ୍ନତି ସହିତ ସଂଶୋଧିତ ଦରମା ପ୍ରଦାନ କରାଯାଉ ଓ ଏହି ଆଧାରରେ ତାଙ୍କୁ ଚୂଡାନ୍ତ ପେନସନ୍ ଓ ବକେୟା ପ୍ରାପ୍ୟ ଦିଆଯାଉ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଏପ୍ରିଲ ୪ରେ ହାଇକୋର୍ଟ ମାମଲାର ଶୁଣାଣି କରି ଉଚ୍ଚଶିକ୍ଷା ଉପନିର୍ଦ୍ଦେଶକଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ।

# ସଦ୍‌ଗୁରୁ ନର୍ସିଂ ଓ ସହଯୋଗୀ ବିଜ୍ଞାନ କଲେଜ ଆନୁକୂଲ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

କଟକ, ୬।୪(ସମିସ)

ଜଗତପୁର ଇମାମ୍ ନଗରସ୍ଥିତ ସଦ୍‌ଗୁରୁ ନର୍ସି ଓ ସହଯୋଗୀ ଚିକିତ୍ସା ବିଜ୍ଞାନ କଲେଜ ଆନୁକୂଲ୍ୟରେ ବିଶ୍ୱସ୍ୱାସ୍ଥ୍ୟ ଦିବସ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଦ୍‌ଗୁରୁ ସ୍ୱାସ୍ଥ୍ୟ ଓ ଶିକ୍ଷା ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ତଥା ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶିକା ନନ୍ଦିତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦ୍‌ଗୁରୁ ହସ୍ପିଟାଲ୍‌ର ପରିଚାଳନା ନିର୍ଦ୍ଦେଶକ ତଥା କଲେଜର ଚେୟାରମ୍ୟାନ୍ ଡା.ପ୍ରଦୀପ କୁମାର ମହାନ୍ତି, ବିଭାଗୀୟ ମୁଖ୍ୟ ଡାକ୍ତର ସୌମ୍ୟରଞ୍ଜନ ମିଶ୍ର, କଲେଜର ଅଧ୍ୟକ୍ଷା ପ୍ରଫେସର ସନ୍ତୋଷିନି ଜେନା, ସହକାରୀ ପ୍ରଫେସର ପ୍ରୀତିମୟୀ ବେହେରା, ପଲ୍ଲବୀ ସୂତାର, ଲାଡ୍‌ଲୀ ଦାସ, ମନୋଜ ସ୍ୱାଇଁ ଓ ପ୍ରଶାସନିକ ଅଧିକାରୀ ନିତ୍ୟାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କଲେଜ ପକ୍ଷରୁ ଥଣ୍ଡା ପାନୀୟ, ଘୋଳଦହୀ ପଚଚାରୀଙ୍କୁ ବଣ୍ଟନ କରାଯାଇଥିଲା। ଏତଦ୍ ବ୍ୟତିତ କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାସ୍ଥ୍ୟଶିକ୍ଷା ଭିତ୍ତିକ ପ୍ରକଳ୍ପ ଯଥା, ସୁସ୍ଥ ଜୀବନରେ ଯୋଗର ଭୂମିକା, ସୁସ୍ଥ ପରିବେଶ ଏବଂ ପରିଛନ୍ନତା, ଖାଦ୍ୟର ପୋଷକ ତତ୍ତ୍ୱ, ଗୁଣବତ୍ତା ଓ ପରିମାଣ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଂଶୁଘାତ ଏବଂ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ ଏକ ନାଟକ ମଞ୍ଚସ୍ଥ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଂଯୋଜକ ପ୍ରଫେସର ପ୍ରୀତିମୟୀ ବେହେରା ପରିଚାଳନା ଓ ନିର୍ଦ୍ଦେଶନା ଦେଇଥିଲେ। ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ-୨୦୨୪ପାଇଁ ବାର୍ତ୍ତା 'ମୋ ସ୍ୱାସ୍ଥ୍ୟ-ମୋ ଅଧିକାର' ମର୍ମରେ କଲେଜର ଅଧ୍ୟକ୍ଷ ଡାକ୍ତର ପ୍ରଦୀପ କୁମାର ମହାନ୍ତି ଉଦ୍‌ବୋଧନ ଦେଇଥିଲେ। ସ୍ୱାସ୍ଥ୍ୟ ସେବାରେ ନର୍ସି ଓ ଆନୁସଙ୍ଗୀକ ଚିକିତ୍ସା ବିଜ୍ଞାନର ଛାତ୍ରଛାତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ନିଃସ୍ୱାର୍ଥପର ଭାବେ ସ୍ୱାସ୍ଥ୍ୟ ସେବାକୁ ବୃତ୍ତି ଭାବରେ ଗ୍ରହଣ କଲେ ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ସେ କହିଥିଲେ। ସଦ୍‌ଗୁରୁ କର୍କଟ ଚିକିତ୍ସାଳୟର ବିଭାଗୀୟ ମୁଖ୍ୟ ଡାକ୍ତର ସୌମ୍ୟରଞ୍ଜନ ମିଶ୍ର ବର୍ତ୍ତମାନର ସମାଜରେ କର୍କଟ ରୋଗର ବୃଦ୍ଧି ସମ୍ପର୍କରେ ଏକ ପରିସଂଖ୍ୟାନ ଉପସ୍ଥାପନ କରିଥିଲେ। ବିଶେଷ କରି ଯୁବପିଢ଼ୀ କର୍କଟ ରୋଗର ଅଧିକ ଶିକାର ହେଉଥିବା କାରଣରୁ ଏଥିପ୍ରତି ସେମାନେ ସଚେତନ ରହି ସମାଜରେ ଅଧିକ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଭାରତ ମସଲାର ନିର୍ଦ୍ଦେଶିକା ନନ୍ଦିତା ପଣ୍ଡା ଯୋଗ ଦେଇ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ବୋଲି ଅଭିହିତ କରିଥିଲେ। ସମ୍ପ୍ରତି ସମାଜରେ ଅଧିକରୁ ଅଧିକ ଶିକ୍ଷାର ପ୍ରଗତି ଘଟୁଥିବା ବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଭିନ୍ନ ସମସ୍ୟା ବଢ଼ି ଚାଲିଛି ବୋଲି କହିଥିଲେ। ସମସ୍ତେ ସଚେତନ ହୋଇ ନିଜର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଓ ଏକ ସୁସ୍ଥ ସମାଜ ଗଠନ କରିବା କ୍ଷେତ୍ରରେ ସମସ୍ତେ ମିଳିମିଶି ସହଯୋଗ କରିବାକୁ ଶ୍ରୀମତି ପଣ୍ଡା ନିବେଦନ କରିଥିଲେ। କଲେଜର ଅଧ୍ୟକ୍ଷା ପ୍ରଫେସର ସନ୍ତୋଷିନୀ ଜେନା ନର୍ସି କ୍ଷେତ୍ରରେ 'ଫ୍ଲୋରେନ୍ସ ନାଇଟ୍ ଆଙ୍ଗେଲ୍'ଙ୍କର କାର୍ଯ୍ୟକାରୀତା ଓ ସେବା ସମର୍ପଣର ସମ୍ପର୍କରେ ଆଲେକପାତ କରିଥିଲେ।

ଏହି ଅବସରରେ ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ 'ସୁସ୍ଥ ଜୀବନରେ ଯୋଗର ଭୂମିକା' ପୁରସ୍କୃତ କରାଯାଇଥିଲା। ଏହି ପ୍ରକଳ୍ପର ଗ୍ରୁପ୍ ଲିଡର୍ ସୁଶ୍ରୀ ସୋନାଲି ଦାଶ, ସହଯୋଗୀ ଇପସିତା ମହାଲିକ, ନମିତା ନାଏକ, ହରିହର ବାରିକ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଶ୍ରୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏଠାରେ ସୂଚନା ଯୋଗ୍ୟ କଲେଜରେ ଖୋଲାଯାଇଥିବା ଜଳଦାନ ଶିବିର ଗ୍ରୀଷ୍ମ ଋତୁ ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଷ୍ଟିୱାର୍ଟ ସ୍କୁଲ୍‌ରେ ରକ୍ତଦାନ ଶିବିର




କଟକ, ୬।୪(ସମିସ): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଷ୍ଟିୱାର୍ଟ ବିଦ୍ୟାଳୟର ଏନସିସି ବିଭାଗ ପକ୍ଷରୁ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର ସହାୟତାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିଦ୍ୟାଳୟର ଅଡିଟୋରିଅମରେ ଅନୁଷ୍ଠିତ ହୋଇଛି। ଏ ବର୍ଷ ଅସହ୍ୟ ଗ୍ରୀଷ୍ମ ପ୍ରବାହ ପାଇଁ ଶିବିରରୁ ମୋଟ ୪୭ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ବିଦ୍ୟାଳୟର ସମ୍ପାଦକ ବିଭୁଦତ୍ତ ଦାସ, ଅଧ୍ୟକ୍ଷା ଡି. ମାର୍ଟିନା, କୋଅର୍ଡିନେଟର ଶିକ୍ଷା ସାହୁ, ରେଶମ ପ୍ରଧାନ ଓ ସୌରଭ ସମ୍ପଦ ନାଗ ଉଦ୍‌ଘାଟନ କରିଥିଲା ବେଳେ ବିଦ୍ୟାଳୟର ଏନସିସି ଅଫିସର୍ ସୌମ୍ୟ ରଞ୍ଜନ ପଣ୍ଡା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୪୫ • ପାଉଣ୍ଡ ୧୦୫.୯୯
- ୟୁରୋ ୯୦.୬୭ • ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୪,୭୬୦ (ନୂଆଦିଲ୍ଲୀ)
- ରୁପା : ୮୨,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୭୪,୨୪୮.୦୦
- ନିଫ୍ଟି ୨୨,୫୧୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଖୁଚୁରା ନିବେଶକଙ୍କ ପାଇଁ 'ଆପ୍'

## ଆରବିଆଇ ଗଭର୍ଣ୍ଣର ଦେଲେ ସୂଚନା

**ନୂଆଦିଲ୍ଲୀ,୬।୪(ଏଜେନ୍ସି):** ନିକଟରେ ଅନୁଷ୍ଠିତ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରା ନୀତି କମିଟି ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ପ୍ରମୁଖ ସୁଧ ହାର ରେପୋ ହାରରେ କୌଣସି ହ୍ରାସ କରିନାହିଁ। ତେବେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଡ. ଶକ୍ତିକାନ୍ତ ଦାସ ବୈଠକରେ ଦେଶର ଖୁଚୁରା ନିବେଶକଙ୍କ ପାଇଁ ଏକ ଆପ୍ ସୃଷ୍ଟି କରିବାକୁ ଘୋଷଣା କରିଛନ୍ତି।




ଖୁଚୁରା ନିବେଶକମାନଙ୍କ ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଏକ ଆପ୍ ପ୍ରସ୍ତୁତ କରିବ। ଏହି ଆପ୍ ଖୁଚୁରା ନିବେଶକ ଏବଂ ସାଧାରଣ ବ୍ୟକ୍ତିଙ୍କ ପାଇଁ ସରକାରୀ ବଣ୍ଡ ଏବଂ ସିକ୍ୟୁରିଟିରେ ଟଙ୍କା ବିନିଯୋଗ କରିବାର ରାସ୍ତାକୁ ସହଜ କରିଦେବ ନିବେଶକମାନଙ୍କ ପାଇଁ ଏହି ଆପ୍ ଅତି ସରଳ ଏବଂ ନିରାପଦ ରହିବ ବୋଲି କୁହାଯାଉଛି। ଏହି ଆପ୍ ହେଉଛି ରିଟେଲ୍ ଡାଇରେକ୍ଟ ସ୍କିମ୍ ଆପ୍। ଶ୍ରୀ ରାଜ୍ୟପାଳ ଦାସ କହିଛନ୍ତି ଯେ ଏହି ଆପ୍ ଖୁଚୁରା ନିବେଶକ ଏବଂ ସାଧାରଣ ଲୋକଙ୍କୁ ଖୁଚୁରା ପ୍ରତ୍ୟକ୍ଷ ଯୋଜନାରେ ଟଙ୍କା ବିନିଯୋଗ କରିବାରେ ସାହାଯ୍ୟ କରିବ। ଉକ୍ତ ଆପ୍ ମାଧ୍ୟମରେ ସରକାରୀ ସିକ୍ୟୁରିଟିରେ ଖୁଚୁରା ନିବେଶକଙ୍କ ଅଂଶଧନ ବୃଦ୍ଧି କରିବା ସହଜ ହେବ ଏବଂ ଏହା ସହ ସାଧାରଣ ଲୋକଙ୍କ ପାଇଁ ସରକାରୀ ବଣ୍ଡରେ ବିନିଯୋଗ କରିବା ସହଜ ହେବ। ଏହା ସରଳ, ଉପଲବ୍ଧ, ନିରାପଦ ଏବଂ ସୁବିଧାଜନକ ହେବ ବୋଲି ଶ୍ରୀ ଦାସ କହିଛନ୍ତି।

### ଏହି ଆପ୍ କିପରି ସାହାଯ୍ୟ କରିବ

ଏହି ଆପ୍ ଅନ୍ୟ ନିବେଶ ଆପ୍ ପରି ସମାନ ଢ଼ଙ୍ଗରେ ପ୍ରସ୍ତୁତ ହେବ। ଆରବିଆଇର ଏହି ମୋବାଇଲ୍ ଆପ୍ ସାଧାରଣ ନିବେଶକମାନଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ପ୍ରମାଣିତ ହୋଇପାରେ। ଏହା ମାଧ୍ୟମରେ ନିବେଶକମାନେ ସେମାନଙ୍କର ପୋର୍ଟଫୋଲିଓ ଉପରେ ନଜର ରଖିବାରେ ସକ୍ଷମ ହେବେ ଏବଂ ବଜାର ତଥ୍ୟ ମଧ୍ୟ ପାଇପାରିବେ। ବର୍ତ୍ତମାନ, ଯଦି ଜଣେ ନିବେଶକ କେନ୍ଦ୍ର ସରକାରୀ ସିକ୍ୟୁରିଟି, ଟ୍ରେଜେରୀ ବିଲ୍, ରାଜ୍ୟ ସରକାରୀ ସିକ୍ୟୁରିଟି, ସାର୍ବଭୌମ୍ୟ ସୁନା ବଣ୍ଡ ଏବଂ ଫ୍ଲୋଟିଂ ରେଟ୍ ସଞ୍ଚୟ ଭଳି ସରକାରୀ ବିକଳ୍ପରେ ବିନିଯୋଗ କରିବାକୁ ଚାହୁଁଛନ୍ତି, ତେବେ ସେ ଖୁଚୁରା ପ୍ରତ୍ୟକ୍ଷ ପୋର୍ଟାଲ ମାଧ୍ୟମରେ ସିଧାସଳଖ ବିନିଯୋଗ କରିବେ।

**ଚୀନ, ଦକ୍ଷିଣ କୋରିଆ ଯୋଗାଣକାରୀଙ୍କ ସହ କଡ଼ା ପ୍ରତିଦ୍ୱନ୍ଦ୍ୱିତା**

# ଭାରତର ଡିଜେଲ ରପ୍ତାନୀ ୬୩% କମିଲା

**ନୂଆଦିଲ୍ଲୀ,୬।୪(ଏଜେନ୍ସି):** ଚୀନ ଓ ଦକ୍ଷିଣ କୋରିଆ ପାଇଁ ଭାରତର ଡିଜେଲ୍ ରପ୍ତାନୀରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ମାର୍ଚ୍ଚ ମାସରେ ୬୩ ପ୍ରତିଶତ ରପ୍ତାନୀ ହ୍ରାସ ହୋଇଛି। ଚୀନ ଓ ଦକ୍ଷିଣ କୋରିଆର ଯୋଗାଣକାରୀଙ୍କ ସହ କଡ଼ା ଟକ୍କର ହେବା ଦ୍ୱାରା ଡିଜେଲ ରପ୍ତାନିରେ ହ୍ରାସ ଦେଖିବାକୁ ମିଳିଛି। ଯେଉଁଥିରେ ଭାରତକୁ ଯେତିକି ଲାଭ ମିଳିବା କଥା ସେତିକି ମିଳିପାରିନାହିଁ।



ମାର୍ଚ୍ଚ ମାସରେ ଭାରତୀୟ ତୈଳ ବିଶୋଧନାକାରୀମାନେ ୬୧ ହଜାର ବ୍ୟାରେଲ୍ସ ପର୍ଡେ(ବିପିଡି) ଡିଜେଲ୍ ଏସିଆ ବଜାରରକୁ ରପ୍ତାନୀ କରିଛନ୍ତି। ହେଲେ ଫେବ୍ରୁଆରୀରେ ଏହି ଡିଜେଲ୍ ରପ୍ତାନୀ ୧୬୩ ହଜାର ବିପିଡି ରହିଥିଲା। ଅନ୍ୟପକ୍ଷେ ୟୁରୋପକୁ ଭାରତର ଡିଜେଲ୍ ରପ୍ତାନୀରେ ୬.୫ ପ୍ରତିଶତ ବୃଦ୍ଧି ହୋଇଛି। ୟୁରୋପକୁ ୨୧୪୦୦୦ ବିପିଡି ଡିଜେଲ ରପ୍ତାନୀ କରିଛି ଭାରତ। ତେବେ ଏହି ସମୟ ମଧ୍ୟରେ ଆମେରିକାକୁ ଡିଜେଲ୍ ରପ୍ତାନୀ କରାଯାଇନାହିଁ। ଚୀନ ଓ ଦକ୍ଷିଣ କୋରିଆର ରପ୍ତାନୀ ଯୋଗୁ ଏସିଆରେ ବହୁଳମାତ୍ରରେ ଡିଜେଲ୍ ରପ୍ତାନୀ ହୋଇଛି। ହେଲେ ଭାରତ ରପ୍ତାନୀ କମ୍ ଯୋଗୁ ଲାଭ ପାଇପାରି ନ ଥିବା ଜଣାପଡିଛି।

### ୫,୭୦୦ କର୍ମଚାରୀଙ୍କୁ ନିଯୁକ୍ତି ଦେଲା ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୬।୪(ଏଜେନ୍ସି):** ଚାକିରିରୁ ଆଜିକାଲଇ ଛଟେଇ ଚାଲିଥିବାବେଳେ ଏୟାର ଇଣ୍ଡିଆ କର୍ମଚାରୀଙ୍କ ରେକର୍ଡ ନିଯୁକ୍ତି କରିଛି। ମାର୍ଚ୍ଚ ୩୧ ଶେଷ ହେବାକୁ ଥିବା ୨୦୨୩-୨୦୨୪ ଆର୍ଥିକ ବର୍ଷରେ ହୋଇଥିବା ନିଯୁକ୍ତି ସଂଖ୍ୟା କମ୍ପାନୀ ଏବେ ଖୁଲାସା କରିଛି। ଏୟାର ଇଣ୍ଡିଆ ଗତ ଆର୍ଥିକବର୍ଷରେ ସମୁଦାୟ ୫,୭୦୦ କର୍ମଚାରୀ ନିଯୁକ୍ତ କରିଥିଲା, ଯେଉଁଥିରେ ଫ୍ଲାଇଟ୍ କ୍ରୁଙ୍କ ପାଇଁ ୩,୮୦୦ ନିଯୁକ୍ତି ସାମିଲ। କର୍ମଚାରୀମାନଙ୍କୁ ସମ୍ବୋଧିତ କରି ଏ ସମ୍ପର୍କରେ ସୂଚନା ଏୟାର ଇଣ୍ଡିଆର ଏମଡି ତଥା ସିଇଓ କ୍ୟାମ୍ପବେଲ ୱିଲସନ୍‌ଙ୍କ ସେୟାର କରିଛନ୍ତି। ସେ କହିଛନ୍ତି ଯେ, ଏୟାର ଇଣ୍ଡିଆ ଏହାର ସମ୍ପ୍ରସାରଣ ଯୋଜନାର ଏକ ଅଂଶ ଭାବରେ ଗତ ଆର୍ଥିକ ବର୍ଷରେ ୧୧ ଟି ଅନ୍ତର୍ଜାତୀୟ ସମେତ ୧୬ ଟି ନୂଆ ରୁଟ୍ ଆରମ୍ଭ କରିଛି।

**ଭାରତ-ମାଳଦ୍ୱୀପ ବିବାଦ**

# ଅତ୍ୟାବଶ୍ୟକୀୟ ସାମଗ୍ରୀର ସୀମିତ ରପ୍ତାନୀକୁ ଅନୁମତି



**ନୂଆଦିଲ୍ଲୀ, ୬।୪(ଏଜେନ୍ସି):** ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କର ଭାରତ ବିରୋଧୀ ଆଭିମୁଖ୍ୟ ଯୋଗୁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଛି। ମୁଇଜ୍ଜୁଙ୍କ ଅନୁରୋଧ କ୍ରମେ ଭାରତ ପ୍ରଥମ ପର୍ଯ୍ୟାୟରେ ମାଳଦ୍ୱୀପରେ ମୁତୟନ ଥିବା ସେନା ଫେରାଇ ଆଣିଛି। ସମ୍ପର୍କ ବିଗିଡ଼ିବା ପରେ ଏବେ ଦୁଇ ଦେଶ ମଧ୍ୟରେ ଥିବା ସହଯୋଗୀ ମନବୃତ୍ତି ଓ ବାଣିଜ୍ୟ ମଧ୍ୟ ପ୍ରଭାବିତ ହୋଇଛି। ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଯଥା ଚିନି, ଗହମ, ଚାଉଳ ଓ ପିଆଜ ଭଳି ସାମଗ୍ରୀର ସୀମିତ ରପ୍ତାନୀ ପାଇଁ ଭାରତ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଦେଶରେ ଆଗକୁ ଲୋକସଭା ନିର୍ବାଚନ ଆସୁଥିବାରୁ ମହଙ୍ଗା ସ୍ଥିତିକୁ ରୋକିବାକୁ ସୀମିତ ରପ୍ତାନୀ ପାଇଁ କୁହାଯାଇଛି। ଏନେଇ କେନ୍ଦ୍ର ସରକାର ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଯେଉଁଥିରେ ଦର୍ଶାଯାଇଛି ଯେ ଏପ୍ରିଲ୍ ୧ ରୁ ଆରମ୍ଭ ହୋଇଥିବା ୨୦୨୪/୨୫ ଆର୍ଥିକ ବର୍ଷରେ ଏହି ସାମଗ୍ରୀଗୁଡ଼ିକର ମାଳଦ୍ୱୀପକୁ ପଠାଯିବାରେ ବର୍ତ୍ତମାନ କିମ୍ବା ଭବିଷ୍ୟତରେ କୌଣସି ପ୍ରତିବନ୍ଧକ ଲଗାଯିବ ନାହିଁ।

କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ ମାଳଦ୍ୱୀପକୁ ୧୨୪,୨୧୮ ମେଟ୍ରିକ୍ ଟନ୍ ଚାଉଳ, ୧୦୯,୧୬୨ ଟନ ଗହମ, ୬୪,୪୯୪ ଟନ୍ ଚିନି, ୨୧,୫୧୩ ମେଟ୍ରିକ୍ ଟନ ଆଳୁ, ୩୫,୭୪୯ ଟନ୍ ପିଆଜ ଏବଂ ୪୨୭.୫ ମିଲିଅନ ଅଣ୍ଡ ରପ୍ତାନୀ କରାଯିବ। ଏଥିସହିତ ୧ ନିୟୁତ ଟନ୍ ଚିପ୍ସ ରପ୍ତାନୀ କରିବାକୁ ଅନୁମତି ଦେଇଛନ୍ତି ଭାରତ ସରକାର।

# ଇସ୍ତଫା ଦେଲେ ୱିପ୍ରୋ ସିଇଓ



**ନୂଆଦିଲ୍ଲୀ,୬।୪(ଏଜେନ୍ସି):** ୱିପ୍ରୋର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଏବଂ ଏମଡି ଥିଏରି ଡେଲାପୋର୍ଟ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଏ ନେଇ କମ୍ପାନୀ ପକ୍ଷରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ସୂଚନା ଦିଆଯାଇଛି। ବର୍ତ୍ତମାନ ତାଙ୍କ ସ୍ଥାନରେ ୱିପ୍ରୋ ଶ୍ରୀନିବାସ ପାଲିଆଙ୍କୁ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତ କରିବ। ୱିପ୍ରୋ ବୋର୍ଡ ଥିଏରି ଡେଲାପୋର୍ଟଙ୍କର ଇସ୍ତଫାକୁ ମଞ୍ଜୁରୀ ଦେଇଛି। ୱିପ୍ରୋ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ଯେ, ଡେଲପୋର୍ଟ ୱିପ୍ରୋ ସହ ୩୧ ମେ, ୨୦୨୪ ପର୍ଯ୍ୟନ୍ତ ଜଡ଼ିତ ରହିବେ। ଚାରି ବର୍ଷ ପୂର୍ବେ ୱିପ୍ରୋକୁ ନେତୃତ୍ୱ ଦେବା ପାଇଁ କ୍ୟାପଗେମିନିରୁ ଅଣାଯାଇଥିବା ଥିଏରିଙ୍କ ପରି, ପାଲିଆ ଜଣେ ୱିପ୍ରୋ ଭେଟେରାନ୍ ଏବଂ ଆଜିମ୍ ପ୍ରେମଜୀଙ୍କ ଫାର୍ମରେ ତିନି ଦଶନ୍ଧି ଧରି ବିତାଇଛନ୍ତି। ପାଲିଆ ୱିପ୍ରୋ ସହିତ ତିନି ଦଶନ୍ଧି ଧରି ରହିଆସିଛନ୍ତି ଏବଂ ନିକଟରେ ଆମେରିକାର 1, ୱିପ୍ରୋର ସବୁଠାରୁ ବଡ ଏବଂ ଦ୍ରୁତ ଗତିରେ ଅଗ୍ରଗତି କରୁଥିବା ରଣନୀତିକ ବଜାର ପାଇଁ ସିଇଓ ଭାବରେ କାର୍ଯ୍ୟ କରିଛନ୍ତି।

### ସିଙ୍ଗାପୁରରେ ଆଇସିଏସ୍‌ଆଇର ୩ୟ ଅନ୍ତର୍ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୬।୪(ସମିସ):** ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରୀ ଅଫ୍ ଇଣ୍ଡିଆ (ଆଇସିଏସ୍‌ଆଇ) ପକ୍ଷରୁ ସିଙ୍ଗାପୁରଠାରେ ୩ୟ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ଚଳିତମାସ ୫ ଏବଂ ୬ ଦୁଇ ଦିନ ଧରି ଚାଲିଥିଲା। ସମ୍ମିଳନୀର ଦ୍ୱିତୀୟ ଦିନରେ ବାଣିଜ୍ୟ ସଚିବ ଟି. ପ୍ରଭାକର ଏବଂ ସିଙ୍ଗାପୁରଠାରେ ନିଯୁକ୍ତ ଭାରତର ହାଇକମିସନର ଭାରତ-ସିଙ୍ଗାପୁର ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ନିକଟରେ ସିଙ୍ଗାପୁର ଏବଂ ଭାରତ ସେମାନଙ୍କର ପାରମ୍ପରିକ କ୍ଷେତ୍ରକୁ ଛାଡି ଫିନ୍‌ଟେକ୍‌ରୁ ବାୟୋଟେକ୍ ଏବଂ ସ୍ମାର୍ଟସିଟିରୁ ସସ୍‌ଟେନେବଲ ଡେଭଲପମେଣ୍ଟ, ସ୍ୱାସ୍ଥ୍ୟ ସେବା ଓ ନବୀକରଣ ଯୋଗ୍ୟ କ୍ଷେତ୍ରକୁ ବାଣିଜ୍ୟ କାରବାର ବୃଦ୍ଧି କରିଛନ୍ତି।




### ଉତ୍ତମ ମାନର ସେବା ଉପରେ ଓଡ଼ିଶା ଡାଇଗ୍ନୋଷ୍ଟିକ୍‌ସର ଗୁରୁତ୍ୱ

Odisha Diagnostics
CENTRE FOR ADVANCED CARE

**ଭୁବନେଶ୍ୱର,୬।୪(ସମିସ):** ରୋଗ ନିରୂପଣ କରିବା ହେଉଛି ଚିକିତ୍ସାର ପ୍ରଥମ ସୋପାନ। ଉତ୍ତମ ମାନର ସେବା ଉପରେ ଓଡ଼ିଶା ଡାଇଗ୍ନୋଷ୍ଟିକ୍ ଗୁରୁତ୍ୱ ଦେଉଛି। ଦୀର୍ଘ ୨୧ବର୍ଷ ହେବ ରାଜ୍ୟରେ ମେଡିକାଲ ଇକ୍ୱିପମେଣ୍ଟର ବିକ୍ରି ଏବଂ ସର୍ଭିସ୍ ଜାରି ରଖିଛି ଓଡ଼ିଶା ଡାଇଗ୍ନୋଷ୍ଟିକ୍‌ସ। ବର୍ତ୍ତମାନ ଓଡ଼ିଶା ଡାଇଗ୍ନୋଷ୍ଟିକ୍‌ସରେ ଇସିଜି, ୨ଡି ଇକୋ, ଟିଏମ୍‌ଟି,ଇସଜି ହୋଲଟର, ହୋମ୍ ଇସିଜି, ଇଇଜି, କଲର ଡ୍ରପଲର,ଡିଜିଟାଲ ଏକ୍ସରେ,ଇଣ୍ଡୋସ୍କୋପି, ସ୍ପିରୋମେଟେରି, ସ୍ତନ କର୍କଟ ସ୍କ୍ରିନିଂ, ଏଚ୍‌ଏସ୍‌ଜି, ଏଫ୍‌ନାକ୍, ସମ୍ପୂର୍ଣ୍ଣ ପ୍ୟାଥୋଲୋଜି, ମାଗଣା ଘରୁ ସାମ୍ପୂଲ ସଂଗ୍ରହ, ଓପିଡି ପରାମର୍ଶ ଏବଂ ୟୁରୋଫ୍ଲୋମେଟ୍ରି ଆଦି ସୁବିଧା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଓଡ଼ିଶା ଡାଇଗ୍ନୋଷ୍ଟିକ୍‌ସ ପକ୍ଷରୁ ସମସ୍ତଙ୍କୁ ବର୍ଷରେ ଅତିକମ୍‌ରେ ଥରେ ଫୁଲ୍‌ବଡି ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି।

# ଟିପିସିଓଡିଏଲ୍ ପକ୍ଷରୁ ସୁରକ୍ଷା ମାସ ଅଭିଯାନ ଶେଷ



**ଭୁବନେଶ୍ୱର,୬।୪(ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଜାତୀୟ ସୁରକ୍ଷା ମାସ ଅଭିଯାନ -୨୦୨୪କୁ ପାଳନ କରିଛି। ଏପ୍ରିଲ ୫ରେ ଭୁବନେଶ୍ୱରରେ ଆୟୋଜିତ ଏହି ସମାପନୀ ଉତ୍ସବରେ କର୍ମଚାରୀଙ୍କ ମଧ୍ୟରେ ନିରାପତ୍ତା ଓ ବୃତ୍ତିଗତ ସ୍ୱାସ୍ଥ୍ୟ ସଚେତନତା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ମାସବ୍ୟାପୀ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଜାତୀୟ ସୁରକ୍ଷା ଦିବସ ଏବଂ ସୁରକ୍ଷା ମାସ ଅଭିଯାନ ୨୦୨୪ ଲାଇନମ୍ୟାନ ଦିବସ ଏବଂ ୫୩ତମ ଜାତୀୟ ନିରାପତ୍ତା ଦିବସ ପାଳନ ସହିତ ୨୦୨୪ ମାର୍ଚ୍ଚ ୪ରେ ଆରମ୍ଭ ହୋଇଥିଲା। ଟିପିସିଓଡିଏଲ୍ ଏହାର ୫ଟି ସର୍କଲରେ ଜାତୀୟ ସୁରକ୍ଷା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ପତାକା ଉତ୍ତୋଳନ, ସୁରକ୍ଷା ପାଇଁ ଶପଥ ପାଠ, ସୁରକ୍ଷା ବିରତି, ବିଭାଗ / ଡିଭିଜନ୍ ମ୍ୟାନେଜର ଏବଂ ବିଶିଷ୍ଟ ପରାମର୍ଶଦାତା / ଅତିଥିଙ୍କ ଦ୍ୱାରା ଅଭିଭାଷଣ ଏବଂ ଲାଇନମ୍ୟାନଙ୍କ ଦ୍ୱାରା ଅଭିଜ୍ଞତା ବାଣ୍ଟିବା ଅଧିବେଶନ ଆଦିର ଆୟୋଜନ କରିଥିଲା। ଏହି ମାସ ସାରା ଟିପିସିଓଡିଏଲ ଦ୍ୱାରା ଦୁର୍ଘଟଣା ରୋକିବା ଏବଂ ଜୀବନ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ପଦକ୍ଷେପ ନେଇଥିଲା। ଏହା ବ୍ୟତୀତ କମ୍ପାନୀ ଦୈନିକ ଅନଲାଇନ୍ ମାଧ୍ୟମରେ ଉଭୟ ଟିପିସିଓଡିଏଲ୍ ଏବଂ ବିଜନେସ୍ ଆସୋସିଏଟ୍ (ବିଏ) କର୍ମଚାରୀ ଏବଂ ସେମାନଙ୍କ ପରିବାର ପାଇଁ ସୁରକ୍ଷା କ୍ୱିଜ୍, ସୁରକ୍ଷା ପୋଷ୍ଟର, ସୁରକ୍ଷା ସ୍ଲୋଗାନ ଭଳି ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରିଥିଲା। ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ ସମଗ୍ର ଅଭିଯାନରେ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରି କହିଛନ୍ତି ଯେ, ଜାତୀୟ ସୁରକ୍ଷା ମାସ ଅଭିଯାନ ୨୦୨୪ର ସଫଳ ସମାପନ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ଦିଗରେ ଆମ କର୍ମଚାରୀଙ୍କ ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ।

# ମହାମାନ୍ଦାବସ୍ଥାରେ ଫସିଛି ଡ୍ରାଗନ୍

## ଯୁବବର୍ଗରେ ବଢ଼ୁଛି ବେରୋଜଗାରୀ

**ନୂଆଦିଲ୍ଲୀ,୬।୪(ଏଜେନ୍ସି):** ଚୀନ୍‌ର ଅର୍ଥନୀତି ଅବସ୍ଥା ଖରାପ ହେବାରେ ଲାଗିଛି। ଚାଇନାରେ ସମ୍ପତ୍ତି ସଙ୍କଟ ଆହୁରି ଗଭୀର ହୋଇଛି। ଦେଶରେ ବେକାରିଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏଥିସହିତ ଅର୍ଥନୀତିର ଗତି ମନ୍ଥର ହୋଇଛି। ଚାଇନାର ଅର୍ଥନୀତିରେ ସଙ୍କଟ ପାଇଁ ଅନେକ କାରଣ ଦାୟୀ। ଦେଶର ଅଭିବୃଦ୍ଧି ହାର ମନ୍ଥର ହେବା, କମ୍ ବିଦେଶୀ ପୁଞ୍ଜି ବିନିଯୋଗ, ସମ୍ପତ୍ତି କ୍ଷେତ୍ରରେ ସଙ୍କଟ, ଦୁର୍ବଳ ରପ୍ତାନି, ଦୁର୍ବଳ ମୁଦ୍ରା ଏବଂ ଯୁବକମାନଙ୍କ ବେକାରି ବୃଦ୍ଧି ହେତୁ ଏହି ପରିସ୍ଥିତି ଦେଖାଦେଇଛି।



ଲୋକେ ବ୍ୟୟ କମାଇଦେଇଛନ୍ତି

ଚାଇନାର ଲୋକମାନେ ରିଅଲ ଇଷ୍ଟେଟ କ୍ଷେତ୍ରରେ ସେମାନଙ୍କର ମୋଟ ଆୟର ୭୦ ପ୍ରତିଶତ ଅର୍ଥ ବିନିଯୋଗ କରିଛନ୍ତି। ରିପୋର୍ଟ ଅନୁଯାୟୀ, ୨୦୨୨ ଶେଷ ସୁଦ୍ଧା ପ୍ରାୟ ୭୮ କୋଟି ଚାଇନାର ନାଗରିକ ଋଣରେ ବୁଡ଼ି ଯାଇଥିଲେ। ସେମାନଙ୍କର ସମସ୍ତ ଋଣ ରିଅଲ ଇଷ୍ଟେଟ କ୍ଷେତ୍ରରୁ ନିଆଯାଇଥିଲା। ୨୦୨୧ ମସିହାରେ, ଚୀନ୍ ସରକାର ନିର୍ମାଣକାରୀଙ୍କ ପାଇଁ ଋଣ ସୀମା ସୀମିତ କରିଥିଲେ। ଏହା ପରେ ଅନେକ ବିଲଡର୍ ଦେବାଳିଆ ହୋଇଯାଇଥିଲେ। ଶହ ଶହ ପ୍ରକଳ୍ପ କାର୍ଯ୍ୟ ଶେଷ ହେଉନାହିଁ। ଲୋକମାନେ ବର୍ତ୍ତମାନ କିସ୍ତି ଦେବା ବନ୍ଦ କରି ଦେଇଛନ୍ତି। ଏହାପରେ ଚାଇନାର ଲୋକମାନେ ଟଙ୍କା ଖର୍ଚ୍ଚ ବନ୍ଦ କରି ଦେଇଛନ୍ତି। ଲୋକମାନେ ବର୍ତ୍ତମାନ ଟଙ୍କା ସଞ୍ଚୟ କରୁଛନ୍ତି। ଏହି କାରଣରୁ ଅର୍ଥନୀତି ଅଧିକ ମାନ୍ଦାହୋଇପଡିଛି।

ଶୂନ୍ୟ କୋଭିଡ ନୀତି ଲାଗୁ ହେତୁ ଚୀନ୍‌ର ଅର୍ଥନୀତି ଖୁବ୍ କମ୍ ସମୟରେ ପୁନରୁଦ୍ଧାର କରିବାରେ ସକ୍ଷମ ହୋଇଥିଲା। ବର୍ତ୍ତମାନ ଚାଇନାର ପ୍ରପର୍ଟି ବଜାରରେ ସଙ୍କଟ ଗମ୍ଭୀର ହେବାରେ ଲାଗିଛି। ଚାଇନାରେ ମୁଦ୍ରାସ୍ଫୀତି ହାର ଏବଂ ବିଦେଶୀ ପୁଞ୍ଜି ବିନିଯୋଗ ହ୍ରାସ ପାଉଛି। ଏଥିଯୋଗୁ ସ୍ଥାନୀୟ ପ୍ରଶାସନ ଉପରେ ଋଣ ଭାର ବଢ଼ୁଛି। ସମ୍ପ୍ରତି ସରକାରୀ ତଥ୍ୟ ଅନୁଯାୟୀ, ଗତ ତିନି ମାସ ଧରି ଚାଇନାରେ ବେକାରି ହାର କ୍ରମାଗତ ଭାବେ ବୃଦ୍ଧି ପାଉଛି। ବର୍ତ୍ତମାନ ଚାଇନାର ଲୋକମାନେ ସେମାନଙ୍କର ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରିଛନ୍ତି। ଏହାଛଡା ଚାଇନାର ଲୋକମାନେ ମଧ୍ୟ ସଞ୍ଚୟ କରୁଛନ୍ତି। ସଞ୍ଚୟ ବୃଦ୍ଧି ପାଇଁ ଚାଇନାର ସାଧାରଣ ଲୋକଙ୍କ ମଧ୍ୟରେ ବଢ଼ୁଥିବା ଇଚ୍ଛା ଚୀନ୍ ପାଇଁ ଅର୍ଥନୀତିକୁ ପୁଣିଥରେ ସନ୍ତୁଳନ କରିବା ଅଧିକ କଷ୍ଟସାଧ ହେବ।

ସୂଚନାନୁଯାୟୀ, ଚାଇନାର ଲୋକମାନେ ପୂର୍ବରୁ ଦୋକାନ ବଜାରରେ ବହୁତ ଖର୍ଚ୍ଚ କରୁଥିଲେ। ବର୍ତ୍ତମାନ ଲୋକେ ନିଜର ଆବଶ୍ୟକତା ଅନୁଯାୟୀ ସଞ୍ଚୟ ଏବଂ ଖର୍ଚ୍ଚ କରିବାକୁ ଏକ ତାଲିକା ପ୍ରସ୍ତୁତ କରିଛନ୍ତି। ସେମାନେ ବର୍ତ୍ତମାନ ଅନାବଶ୍ୟକ ଖର୍ଚ୍ଚ ମଧ୍ୟ ବନ୍ଦ କରିଦେଇଛନ୍ତି | ସେମାନେ ସଞ୍ଚୟ କରିବାକୁ ପୁରୁଣା ପଦ୍ଧତି ଅବଲମ୍ବନ କରୁଛନ୍ତି। ଚାଇନାରେ ଅଧିକାଂଶ କାରବାର ନଗଦ ଆକାରରେ ହୋଇଥାଏ। ପରିସ୍ଥିତିକୁ ଦେଖି ବର୍ତ୍ତମାନ ସେଠାରେ ଲୋକମାନେ ଘରେ ନଗଦ ଅର୍ଥ ଜମା କରି ରଖୁଛନ୍ତି। ସେମାନଙ୍କର ବିଶ୍ୱାସ ଯେ, ଏହା ତାଙ୍କର ଖର୍ଚ୍ଚ କମ୍ କରିବ। ଅପରପକ୍ଷେ ଚାଇନା ଲୋକଙ୍କର ଏଭଳି ସଞ୍ଚୟ ମନୋବୃତ୍ତି ଦେଶର ଅର୍ଥନୀତି ଉପରେ ମଧ୍ୟ ପ୍ରଭାବ ପକାଉଛି।

